## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ଚାଷୀଙ୍କ ମୃତ୍ୟୁ

**ବାସୁଦେବପୁର, ୩୦।୯ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ବିଦେଇପୁର ପାଳମଣ୍ଡଳପଡ଼ା ଗ୍ରାମରେ ସୋମବାର ଗୌରୀ ମଣ୍ଡଳ ନାମ୍ନୀ ଜଣେ ମହିଳା ଚାଷୀ ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ସେ ସକାଳେ ନିକଟସ୍ଥ ଚାଷ ବିଲକୁ ଯାଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ସଜ୍ଞାହୀନ ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କଷିଆ ସାମୁଦ୍ରିକ ଥାନା ପୋଲିସ ଅପମୃତ୍ୟୁ ମାମଲା (ନଂ.୮/୧୯) ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା।

### ୨ ମୋବାଇଲ ଚୋର ଥାନାରେ ଅଟକ

**ତିହିଡ଼ି, ୩୦।୯ (ଡି.ଏନ.ଏ.):** ତିହିଡ଼ି ଥାନା କୋହ୍ଲ ପଞ୍ଚାୟତ ଅଧୀନ ଅମରପୁର ଗ୍ରାମର ୨ ମୋବାଇଲ ଚୋରଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଏଥିସହ ପୋଲିସ ସେମାନଙ୍କ ବାଇକ୍ ଜବତ କରିଛି। ସୂଚନା ଅନୁଯାୟୀ, ରବିବାର ରାତିରେ ୩ ଯୁବକ ବାଇକ୍‌ରେ ଯାଇ ଗୁଆମାଳ ରାସ୍ତାରେ ଜଣେ ସାଇକେଲ ଆରୋହୀଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ପରେ ତାଳପଦା ବଜାରସ୍ଥିତ ଏକ ପାନ ଦୋକାନରୁ ସେହି ଯୁବକମାନେ ମୋବାଇଲ ଚୋରି କରି ନେଇ ଯାଉଥିଲେ। ସେମାନଙ୍କୁ ଅନୁସରଣ କରି କେତେକ ବ୍ୟକ୍ତି ରାସ୍ତାରେ ଧରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଖସି ପଳାଇ ଯାଇଥିଲେ। ଅନ୍ୟ ଦୁଇଜଣଙ୍କୁ ଲୋକେ ପୋଲିସ ଜିମା ଦେଇଥିଲେ।

### ସଚେତନତା ସଭା, ଶୋଭାଯାତ୍ରା

**ଭଣ୍ଡାରିପୋଖରୀ, ୩୦।୯ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ବଟେଶ୍ୱର ମନ୍ଦିର ପରିସରରେ ଗାନ୍ଧୀ ଜୟନ୍ତୀ ପାଳନ ପୂର୍ବରୁ ପ୍ଲାଷ୍ଟିକ ବର୍ଜନ, ସ୍ୱଚ୍ଛତା, ନିଶା ନିବାରଣ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାଧାପକ ଡ. ସୁଧୀର ଜେନାଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଅପର୍ଣ୍ଣା ନାୟକ, ରମାକାନ୍ତ ମଣ୍ଡଳ, କନକଲତା ଭଞ୍ଜ, ମାଳତୀ ପାତ୍ର, ଇନ୍ଦୁମତୀ ସାହୁ, ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ଅଲେଖ ଘଡେଇ, ଗିରିଜା ଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଗଢ଼ିବା ପାଇଁ ନିଶା ନିବାରଣ ସହିତ ସ୍ୱଚ୍ଛତା ଓ ପ୍ଲାଷ୍ଟିକ ବର୍ଜନ ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପରମାନନ୍ଦପୁର, କଇଁଶିରା, ମାନ୍ତସାହି, ମହାମାଲ୍ୟା, କାଳୀସାହି ଆଦି ଗ୍ରାମରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସେହିପରି ବିଡିଓ ବନମାଳୀ ତରାଇ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରକୁ ଉଦ୍‌ଘାଟନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀଙ୍କ ଲିଖିତ ଗାନ୍ଧିଜୀଙ୍କ ଜୀବନୀ କଥା ଓ ଭକ୍ତି କବିତା ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଗିରିଜା ଶଙ୍କର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ, ଶ୍ରୀଧର ସ୍ୱାଇଁ ସ୍ୱାଗତ ଭାଷଣ ଓ ବିରଞ୍ଚି ନାରାୟଣ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳିଲା ପ୍ରତିଶ୍ରୁତି, ହଟିବ ଜବରଦଖଲ


ବରପଦାଠାରେ ରାସ୍ତାରୋକୋ କରାଯାଇଛି।

**ଭଦ୍ରକ ଅଫିସ, ୩୦।୯**

ଭଦ୍ରକ-ବନ୍ତ ଓ ଭଦ୍ରକ-ଆଗରପଡ଼ାକୁ ସଂଯୋଗ କରୁଥିବା ବରପଦା ଛକ ନିକଟରେ ଜବରଦଖଲ ଉଚ୍ଛେଦ ଦାବିରେ ସୋମବାର ସକାଳୁ ୧୨ ଘଣ୍ଟିଆ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ଏହି ରାସ୍ତାରୋକୋ ପରେ ପ୍ରଶାସନ ପକ୍ଷରୁ ବରପଦା ବଜାରରୁ ଜବରଦଖଲ ହଟିବା ନେଇ ପ୍ରତିଶ୍ରୁତି ମିଳିଛି। ପ୍ରକାଶ ଯେ, ବରପଦା ବଜାରର ଉଭୟପାର୍ଶ୍ୱରେ ଥିବା ଡ୍ରେନ୍ ଜବରଦଖଲ ହୋଇ ରହିଥିବା କାରଣରୁ ବର୍ଷାପାଣି ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଉଭୟପାର୍ଶ୍ୱରେ ଥିବା ଚାଷଜମି ଜଳମଗ୍ନ ହୋଇ ଚାଷ ନଷ୍ଟ ହେଉଛି। ପ୍ରାୟ ଦୀର୍ଘ ୫ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଥିଲା। ଏପରିକି ଦୁଇବର୍ଷ ପୂର୍ବେ ଏହି ସ୍ଥାନରେ ରାସ୍ତାରୋକୋ କରାଯାଇଥିଲା। ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପ୍ରତିକାର କରି ନ ଥିଲା। ଜବରଦଖଲକାରୀଙ୍କୁ ହଟାଇ ଡ୍ରେନେଜ ବ୍ୟବସ୍ଥା ସୁଧାରିବା ପାଇଁ ବରପଦା ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ରାସ୍ତାରୋକୋ ଡାକରା ଦିଆଯାଇଥିଲା। ପ୍ରାୟ ୫ ଘଣ୍ଟା ଯାନବାହାନ ଚଳାଚଳ ବନ୍ଦ ରହିବା ପରେ ଧାରଣାସ୍ଥଳରେ ଭଦ୍ରକ ଅତିରିକ୍ତ ତହସିଲଦାର ମିନାକ୍ଷୀ ଦାସ ଓ ବନ୍ତ ଅତିରିକ୍ତ ତହସିଲଦାର ବିଜୟ ସେଠୀ, ରାନ୍ଦିଆ ରାଜସ୍ୱ ଅଧିକାରୀ ଗଜେନ୍ଦ୍ର ଦାସଙ୍କ ସହ ଗ୍ରାମାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ପହଞ୍ଚିଥିଲେ। ରାସ୍ତାରୋକୋ ଆନ୍ଦୋଳନକାରୀଙ୍କୁ ସେମାନେ ବୁଝାଶୁଝା କରିଥିଲେ। ମଙ୍ଗଳବାରଠାରୁ ଡ୍ରେନ୍ ସଫେଇ କାର୍ଯ୍ୟ ଆରମ୍ଭ ହେବା ସହିତ ୩୦ରୁ ୪୫ ଦିନ ମଧ୍ୟରେ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଯୁଧିଷ୍ଠିର ରାଉତ, ଜୟରାମ ଜେନା, ସଂଗ୍ରାମ ନାୟକ, ଭରତ ଚନ୍ଦ୍ର ପାତ୍ର, ମୁନ୍ନା ରାଉତ ଓ ଗଣେଶ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ଚଣ୍ଡୀ ବେଶରେ ମା’


ଆରଡ଼ି ଆଖଣ୍ଡଳମଣି ପୀଠରେ ସୋମବାର ମା’ ଦୁର୍ଗାଙ୍କ ଚଣ୍ଡୀ ବେଶ।

# ଶହୀଦ ଭଗତସେନାର ସୁନେଲୀ ସନ୍ଧ୍ୟା

**ଭଦ୍ରକ ଅଫିସ, ୩୦।୯**

ଭଦ୍ରକ ଜିଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଶହୀଦ ଭଗତସେନାର ସୁନେଲୀ ସନ୍ଧ୍ୟା କାର୍ଯ୍ୟକ୍ରମ ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶହୀଦ ଭଗତ ସିଂଙ୍କ ୧୧୨ତମ ପୁଣ୍ୟତିଥି ଅବସରରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦିନତମାମ ଶହୀଦ ଭଗତ ସିଂଙ୍କ ଫଟୋଚିତ୍ର ସହରର ବିଭିନ୍ନ ଥାନା, ସରକାରୀ ଦପ୍ତରରେ ଲଗାଇ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଶହୀଦ ସ୍ମୃତିଭବନରେ ଆବାହକ ସିତାଂଶୁ ଶେଖର ମହାପାତ୍ରଙ୍କ ଅଧକ୍ଷତାରେ ସଭା ହୋଇଥିଲା। ମୁଖ୍ୟଅତିଥି ରାଜ୍ୟ ମାନବ ଅଧିକାର କର୍ମୀ ଆଶିଷ ଅମିତାଭ ଦାସଙ୍କ ସମେତ ବରିଷ୍ଠ ଆଇନଜୀବୀ ମନୋଜ ରାୟ, ପବନ ଶର୍ମା ଏବଂ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଟଙ୍କା ଆଦାୟ କରିବାକୁ ଆସି ମାଡ଼ ଖାଇବା ଘଟଣା

# ଜେଲ୍ ଗଲେ ୪ ଯୁବକ

**ବାସୁଦେବପୁର, ୩୦।୯ (ଡି.ଏନ.ଏ.)**

**ଦେଶୀ ବନ୍ଧୁକ, ୨ ଜୀବନ୍ତ ଗୁଳି ସହ ବୋଲେରୋ ଜବତ**

ବାଲେଶ୍ୱର ଜିଲା ବଳରାମଗଡ଼ି ଅଞ୍ଚଳରୁ ୮ ଜଣ ଯୁବକ ବାସୁଦେବପୁର ବ୍ଲକ ପଡୁଆଁ ଗ୍ରାମକୁ ଟଙ୍କା ଆଦାୟ କରିବାକୁ ଆସିଥିବା ବେଳେ ଗ୍ରାମବାସୀଙ୍କ ରୋଶର ଶିକାର ହୋଇଥିଲେ। ସେମାନେ ଆସିଥିବା ବୋଲେରୋରେ ମାରଣାସ୍ତ୍ର ଥିବା ଦେଖି ପଡୁଆଁ ଗ୍ରାମର ଲୋକେ ସେମାନଙ୍କୁ ବାନ୍ଧି ମାଡ଼ ମାରିଥିଲେ। ଗାଁ ଲୋକଙ୍କ କବଳରୁ ୪ ଜଣଙ୍କୁ ବାସୁଦେବପୁର ଥାନା ପୋଲିସ ଉଦ୍ଧାର କରି ଥାନାରେ ଅଟକ ରଖିଥିଲା। ପୋଲିସ ଘଟଣାର ତଦନ୍ତ କରିବା ବେଳେ ଉକ୍ତ ବୋଲେରୋରୁ ଏକ ଦେଶୀ ବନ୍ଧୁକ ଓ ଦୁଇଟି ଜୀବନ୍ତ ଗୁଳି ସହ ଗାଡ଼ିକୁ ଜବତ କରିଥିଲା। ଏହି ଘଟଣାରେ ଗ୍ରାମର କୋଇଲି ମଳିକଙ୍କ ଏତଲା ଆଧାରରେ ପୋଲିସ ମାମଲା(ନଂ.୩୧୩/୧୯) ରୁଜୁ କରିଛି। ରବିବାର ଅପରାହ୍ନରେ ପୋଲିସ ଉକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନେ ହେଲେ ବାଲେଶ୍ୱର ସଦର ଥାନା ବୁଲିସାହି ଗ୍ରାମର କାର୍ତ୍ତିକ ଜେନା, ଚାନ୍ଦିପୁର ଥାନା ଶ୍ରୀକେଣାର ସେକ୍ ପିଣ୍ଟୁ ଉଦ୍ଦିନ, ବଳରାମଗଡ଼ି ସାମୁଦ୍ରିକ ଥାନା ମିର୍ଜାପୁରର ଗଜେନ୍ଦ୍ର ମାଝି ଓ ଲୋପାଳଗଡି ଗ୍ରାମର ଯୁଧିଷ୍ଠିର ଗିରି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଭଦ୍ରକ ଜେଲ୍‌କୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଅନ୍ୟ ୪ ଜଣ ଫେରାର ଅଛନ୍ତି। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

# ଜିଲାରେ ପ୍ରଥମ ଲୋକକଳା ଗ୍ରାମ ବନ୍ଧଟିଆ

**ଧାମନଗର, ୩୦।୯ (ଡି.ଏନ.ଏ.)**

ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ରାଜସ୍ୱ ଗ୍ରାମକୁ ରାଜ୍ୟ ସରକାର ଭଦ୍ରକ ଜିଲାର ପ୍ରଥମ ଲୋକକଳା ଗ୍ରାମ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ସୂଚନା ନିଆଯାଇଛି। ଆସନ୍ତା ୨ ତାରିଖରେ ଏ ନେଇ ବିଧିବଦ୍ଧ ଭାବେ ଘୋଷଣା କରାଯିବ। ଏହି ଉପଲକ୍ଷେ ଜିଲା, ବ୍ଲକ ପ୍ରଶାସନ ଏବଂ ଜିଲା କଳାକାର ସଂଘ ଦ୍ୱାରା ବନ୍ଧଟିଆ ଗଣେଶ ମଠ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବ୍ଲକ କଳାକାର ସଂଘର ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ ପ୍ରକାଶ କରିଛନ୍ତି।

ଉଲ୍ଲେଖନୀୟ ଯେ, ହଜି ଯାଉଥିବା ପାରମ୍ପରିକ ଲୋକକଳାର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ୨୦୧୧ରେ ଲୋକକଳା ସଂଘ ଯୋଜନାରେ ଜିଲା ଓ ବ୍ଲକ କଳା ସଂସ୍କୃତି ସଂଘର ଶୁଭାରମ୍ଭ କରିଥିଲେ। ଲୋକ କଳାକୁ ଆହୁରି ପ୍ରୋତ୍ସାହନ ଲାଗି ପରେ ନଗର ଏବଂ ରାଜ୍ୟ କଳା ସଂସ୍କୃତି ସଂଘ ଗଠନ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୟୁନିସେଫ, ଓଡ଼ିଶା ଶାଖାର ବୈଷୟିକ, ଆର୍ଥିକ ଓ ମାନବ ସମ୍ବଳ ସହାୟତାରେ ସଂଘର କାର୍ଯ୍ୟ ଅଧିକ ସୁଦୃଢ଼ କରିବାକୁ ବ୍ଲକ, ଜିଲା ଏବଂ ରାଜ୍ୟ ସ୍ତରରେ ଲୋକକଳା ମହୋତ୍ସବ ପ୍ରତିବର୍ଷ ପାଳନ କରାଯାଉଛି। ପ୍ରତିବର୍ଷ ଜୁନ ୧୪ରେ ଲୋକକଳା ଦିବସ, ପ୍ରତ୍ୟେକ ମାସରେ ଗୋଟିଏ ଦିନ ରାଜଧାନୀରେ ଲୋକକଳା ପରିବେଷଣ, ଗ୍ରାମ ଯୋଗାଯୋଗ ଓ ସହଭାଗିତା କାର୍ଯ୍ୟକ୍ରମ, ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ଲୋକକଳା ଦଳଙ୍କ ଦ୍ୱାରା ସଚେତନତା, ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରାଜ୍ୟରେ ପ୍ରତି ଜିଲାରେ ଗୋଟିଏ ରାଜସ୍ୱ ଗ୍ରାମକୁ କଳା ସଂସ୍କୃତି ଓ ବିକାଶର ସମନ୍ୱୟକୁ ଦୃଷ୍ଟିରେ ରଖି ଲୋକକଳା ଗ୍ରାମ ଚୟନ କରାଯାଇଛି। ଚୟନ ସମୟରେ ସରକାରଙ୍କ ଦ୍ୱାରା ପାରମ୍ପରିକ ଲୋକକଳା ଦଳ ଭାବେ ପାଲା, ଦାସକାଠିଆ, ସଂକୀର୍ତ୍ତନ ଦଳ, କଳା ସଂସ୍କୃତି କାର୍ଯ୍ୟକ୍ରମ ଭାବେ ଚିତ୍ରକଳା, ପଟଚିତ୍ର, ଭାଗବତ ଟୁଙ୍ଗି, ପାଠାଗାର ଏବଂ ନିକଟରେ ପର୍ଯ୍ୟଟନ ସ୍ଥଳୀ ଥିବା ଜରୁରୀ ବୋଲି ସୂଚନା ଦିଆଯାଇଥିଲା। ୨୦୧୮ରେ ମୁଖ୍ୟମନ୍ତ୍ରୀ ଲୋକକଳା ଗ୍ରାମ ଚୟନ ଲାଗି ଆହ୍ୱାନ ଦେଇଥିଲେ। ସରକାରଙ୍କ ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ବନ୍ଧଟିଆ ରାଜସ୍ୱ ଗ୍ରାମକୁ ଲୋକକଳା ଗ୍ରାମ ଭାବେ ଚୟନ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ତତ୍କାଳୀନ ବିଡିଓ ଡ. ନରହରି ବେହେରାଙ୍କ ଉଦ୍ୟମରେ ଏହି ଗ୍ରାମ ଚୟନ ହୋଇଥିଲା।




## ଫନୀ କ୍ଷତିଗ୍ରସ୍ତଙ୍କ ଠିକ୍ ତାଲିକା ପ୍ରସ୍ତୁତ ଦାବି

**ଚାନ୍ଦବାଲି, ୩୦।୯ (ଡି.ଏନ.ଏ.)**

ଫନୀ ବାତ୍ୟାରେ ଚାନ୍ଦବାଲି ବ୍ଲକର କେତେକ ଅଞ୍ଚଳରେ କ୍ଷୟକ୍ଷତି ହୋଇଛି। ତହସିଲ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରର ଚିଠା ପ୍ରସ୍ତୁତ କରାଯାଇଛି। ମାଧପୁର ପଞ୍ଚାୟତରେ କ୍ଷତିଗ୍ରସ୍ତ ପରିବାରର ଚିଠା ପ୍ରସ୍ତୁତରେ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ଚିଠାରେ କେତେକ ଲୋକଙ୍କର କୋଠାଘର ଥିବାବେଳେ କେତେକ ସରକାରୀ କର୍ମଚାରୀଙ୍କ ପରିବାର ସାମିଲ ହୋଇଥିବା ଦର୍ଶାଯାଇଛି। ଏହାର ପୁନଃ ସର୍ଭେ ସହିତ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ତାଲିକାରେ ସାମିଲ କରିବା ପାଇଁ ପଞ୍ଚାୟତର ମାଧପୁର, ବଡସିଂହପୁର, ସାନସିଂହପୁର ଗ୍ରାମର କେତେକ ଲୋକ ଭଦ୍ରକ ଜିଲାପାଳ ଓ ଚାନ୍ଦବାଲି ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି। ସୋମବାର ମାଧପୁରର କେତେକ ଲୋକ ଚାନ୍ଦବାଲି ତହସିଲ ଅଫିସ୍‌ରେ ପହଞ୍ଚି ହୋହଲ୍ଲା କରିଥିଲେ। ସେମାନେ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରିଛନ୍ତି।

# ଶ୍ରମିକମାରଣ ନୀତି ବିରୋଧରେ ବିକ୍ଷୋଭ

**ଭଦ୍ରକ ଅଫିସ, ୩୦।୯**

ଭଦ୍ରକ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ ସମିତି ଭଦ୍ରକ ଜିଲା କମିଟି ପକ୍ଷରୁ ଏହି ଆନ୍ଦୋଳନ କରାଯାଇଥିଲା। ଘରୋଇ ଇଞ୍ଜିନିୟରିଂ କଲେଜରେ ପାଠ ପଢୁଥିବା ନିର୍ମାଣ ଶ୍ରମିକମାନଙ୍କ ଝିଅପୁଅଙ୍କୁ ସରକାରୀ ପ୍ରୋତ୍ସାହନ ଦିଆ ନ ଯିବା, ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରା ନ ଯିବା ପ୍ରତିବାଦରେ ଶ୍ରମିକ ନେତା ସମର ବଳଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ସରକାରଙ୍କ ବିଭିନ୍ନ ଶ୍ରମିକମାରଣ ନୀତିକୁ ଶ୍ରମିକମାନେ ନିନ୍ଦା କରିଥିଲେ। ବିଭିନ୍ନ ଶ୍ରମିକ ଏକ ଶୋଭାଯାତ୍ରାରେ ଆସି ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିଥିଲେ।



ଶ୍ରମିକମାନଙ୍କ ପ୍ରତିବାଦ ଶୋଭାଯାତ୍ରା।

# ଛୁଆ, କାଞ୍ଚନ ଗଣେଶଙ୍କ ଭସାଣି ଉତ୍ସବ

**ଭଦ୍ରକ ଅଫିସ, ୩୦।୯**

ଭଦ୍ରକର ଅନ୍ୟତମ ଆକର୍ଷଣ ଛୁଆ ଓ କାଞ୍ଚନ ଗଣେଶ ସୋମବାର ବିଦାୟ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସହରର କୁଆଁସରେ ପୂଜା ପାଉଥିବା ଛୁଆ ଓ କାଞ୍ଚନ ଗଣେଶ ମେଢ଼କୁ ବିଭିନ୍ନ ବାଦ୍ୟଯନ୍ତ୍ର ଓ ପାରମ୍ପାରିକ ଲୋକନୃତ୍ୟରେ ସହର ପରିକ୍ରମା କରାଯାଇଥିଲା। ଡିଜେ, ବ୍ୟାଣ୍ଡ ଓ ପାରମ୍ପାରିକ ବାଜାରେ ସହରର ମୁଖ୍ୟରାସ୍ତା ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଦୁଲୁକିଥିଲା। ପରେ ସାଳନ୍ଦୀ ନଦୀରେ ଛୁଆ ଓ କାଞ୍ଚନ ଗଣେଶଙ୍କୁ ବିସର୍ଜନ କରାଯାଇଥିଲା। ହଜାର ହଜାର ଜନସାଧାରଣ ଭସାଣି ଉତ୍ସବରେ ଯୋଗ ଦେଇଥିଲେ। ଭସାଣି ଦେଖିବା ପାଇଁ ରାସ୍ତାର ଉଭୟପାର୍ଶ୍ୱରେ ଜନସମାଗମ ଦେଖିବାକୁ ମିଳିଥିଲା। ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।



ଭସାଣି ପାଇଁ ଛୁଆ ଓ କାଞ୍ଚନ ଗଣେଶଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

# ଈଶାଣପୁର-କଷଟି ରାସ୍ତା ଫାଟି ଆଁ

**ତିହିଡ଼ି, ୩୦।୯(ଡି.ଏନ.ଏ.)**

- ଯାତାୟାତ ଲାଗି ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ
- ତୁରନ୍ତ ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ

ତିହିଡ଼ି ବ୍ଲକ ଅଧୀନ ଗୁଆମାଳ-ତଳଗୋପବିନ୍ଧା ପ୍ରଧାନମନ୍ତ୍ରୀ ସଡ଼କରୁ ଯାଇଥିବା ଈଶାଣପୁର-କଷଟି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ଫାଟି ଆଁ କରିଥିବା ବେଳେ ଇଟାଗଡ଼ି କେନାଲ ନିକଟରେ ଧସିଯାଇ ବିପଦସଙ୍କୁଳ ହୋଇଛି। ଫଳରେ ୯ଟି ଗ୍ରାମର ଅଧିବାସୀ ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ପଞ୍ଚାୟତବାସୀ ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ରାସ୍ତା ମରାମତି ସକାଶେ ଦାବି ଜଣାଇଛନ୍ତି।

ଏହି ରାସ୍ତାରେ ଇଟାଗଡ଼ି, କଷଟି, ତଳଗୋପବିନ୍ଧା, ତୁଳସୀପୁର, ଦେଉଳା, ରହଣିଆସାହି, ମାଙ୍କଡ଼କୋଲା, ମିରିପୁର, ରାଜୁଆଳିବିନ୍ଧା ଗ୍ରାମର ଲୋକ ଯାତାୟାତ କରନ୍ତି। ସେହିପରି ଛାତ୍ରୀଛାତ୍ର ଗୁଆମାଳ ଓ ଦୋଳସାହି ସ୍କୁଲକୁ ପାଠ ପଢ଼ିବାକୁ ଯିବା ପାଇଁ ଏହି ରାସ୍ତାରେ ଉପରେ ନିର୍ଭରଶୀଳ। ରାସ୍ତାର ଏଭଳି ଅବସ୍ଥା ଯୋଗୁ ଯାନବାହନ ଚଳାଚଳ ବ୍ୟାହତ ହୋଇଛି। ଜରୁରିକାଳୀନ ପରିସ୍ଥିତିରେ ଦମକଳ କିମ୍ବା ଆମ୍ବୁଲାନ୍ସ ଯାତାୟାତ ସମ୍ଭବ ହୋଇପାରୁ ନାହିଁ। ରାସ୍ତାଟି ୬ମାସ ହେଲା ବିପଦସଙ୍କୁଳ ହୋଇପଡ଼ିଛି। ବିଭିନ୍ନ ସମୟରେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ମରାମତି କରିବାକୁ ଇଟାଗଡ଼ି ଗ୍ରାମର ଗଣେଶ ପ୍ରସାଦ ରାଉତ, ଲକ୍ଷ୍ମୀଧର ସେଠୀ, କଷଟି ଗ୍ରାମର ପ୍ରାଣବନ୍ଧୁ ରାଉତ, ଦେଉଳା ଗ୍ରାମର ଶରତ ନାୟକ, ତୁଳସୀପୁରର ଧୀରେନ ସ୍ୱାଇଁ, ଦୀପକ ଖଟୁଆ, ରଶ୍ମିରଞ୍ଜନ ବେହେରା ଓ ପରମାନନ୍ଦ ସେଠୀ ପ୍ରମୁଖ ଦାବି କରିଛନ୍ତି। ସପ୍ତାହକ ମଧ୍ୟରେ ରାସ୍ତା ମରାମତି ନ ହେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ପାର୍ଥସାରଥି ସାହୁ ରାସ୍ତା ପରିସ୍ଥିତି ଅନୁଧ୍ୟାନ କରାଯାଇଛି, ମରାମତି ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ବିପଦସଙ୍କୁଳ ରାସ୍ତା।

## ସଂକ୍ଷେପରେ

### ସ୍କୁଲରେ ମଣ୍ଡଳସ୍ତରୀୟ ଗାନ୍ଧୀ ଜୟନ୍ତୀ

ଆନନ୍ଦପୁର, ୩୦।୯(ସ୍ୱ.ପ୍ର.)- ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଉତ୍ସବ ଆନନ୍ଦପୁର ମଡେଲ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ମଣ୍ଡଳସ୍ତରୀୟ ଏହି ଉତ୍ସବରେ ଆନନ୍ଦପୁର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଚତୁର୍ଭୁଜ ପହିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ରାଉତ ସଭାପତିତ୍ୱ କରିଥିଲେ। ଏଥିରେ ଓଷ୍ଟା କେନ୍ଦୁଝର ଜିଲା ସଭାପତି ଶାନ୍ତନୁ କୁମାର ମିଶ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃପାସିନ୍ଧୁ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତାମ୍ବର ବିଶ୍ୱାଳ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୁଦାମ ଚରଣ ସାହୁ, ସହ ଶିକ୍ଷାଧିକାରୀ ରାମଚନ୍ଦ୍ର ସୁର, ଫକୀରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବରାମ ସାହୁ, ଶିକ୍ଷକ ପବିତ୍ର ମୋହନ ବେହେରା, ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଗାନ୍ଧିଜୀଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମଡେଲ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ପୁରାତନ ଛାତ୍ର ସଂଘର ବୈଠକ



ଆନନ୍ଦପୁର,୩୦। ୯(ସ୍ୱ.ପ୍ର.)- ଆନନ୍ଦପୁର ବି.ଏନ. ହାଇସ୍କୁଲ ପୁରାତନ ଛାତ୍ର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ୬ ତାରିଖରେ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି। ଏହି ବୈଠକରେ ପୁରାତନ ଛାତ୍ର ମହେଶ୍ୱର ସାହୁ, ନିରାକାର ଦଳେଇ, ଦୁର୍ଗା ଚରଣ ଦଳେଇ, ଦେବ ରଞ୍ଜନ ସାହୁ, ଦିଲ୍ଲୀପ ସିଂହ ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ।

### ସଂଘୀୟ ବ୍ୟବସ୍ଥା ଉଲ୍ଲଂଘନ ଅଭିଯୋଗରେ ଦାବିପତ୍ର

ଆନନ୍ଦପୁର,୩୦। ୯(ସ୍ୱ.ପ୍ର.)-କେନ୍ଦ୍ରର ଭାଜପା ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକୁ ରାଜ୍ୟର ବିଜେଡି ସରକାର ନିଜ ଯୋଜନାର ଦ୍ୱାହି ଦେଇ ଜନସାଧାରଣଙ୍କୁ ପ୍ରଭାବିତ କରୁଥିବା ଅଭିଯୋଗ କରିଛି ଭାଜପା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କାଘର ଯୋଜନାର ରୂପ ଦେବା, ୧୦୮ ଆମ୍ବୁଲାନ୍ସରେ ରାଜ୍ୟ ସରକାରଙ୍କ ଲୋଗୋ ଲଗାଇବା, ଟଙ୍କିକିଆ ଚାଉଳ ଭଳି ବିଭିନ୍ନ ଯୋଜନା ରାଜ୍ୟ ସରକାର ଦେବା ଆଦି ଘଟଣା ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ କରିଥିବା ଭାଜପା ଦାବି କରିଛି। ଏହାର ପ୍ରତିବାଦରେ ଆନନ୍ଦପୁର ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଯୁବ ମୋର୍ଚ୍ଚା ଉପସଭାପତି ଟୁକୁନା ମହାନ୍ତଙ୍କ ନେତୃତ୍ୱରେ ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁମତୀ ଜେନା, ନଗରମଣ୍ଡଳ ସଭାପତି ପ୍ରଶାନ୍ତ ମୋହାପାତ୍ର, ଯୁବନେତା ଜ୍ଞାନରଞ୍ଜନ ସାମନ୍ତସିଂହାର, ନରହରି ବାରିକ, ନିରାକାର ଦଳେଇଙ୍କ ସମେତ ବହୁ ଭାଜପା ନେତା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆନନ୍ଦପୁର ବ୍ଲକ ବିଡିଓଙ୍କୁ ଏହି ଦାବି ପତ୍ର ପ୍ରଦାନ କରିଥିଲେ।

# ଧାରଣା ଦେବାକୁ ଗ୍ରାମବାସୀଙ୍କ ଚେତାବନୀ

## କମ୍ପାନୀର ଅଣଦେଖା

ଯୋଡ଼ା, ୩୦।୯ (ଡି.ଏନ.ଏ.)



ଟାଟା କମ୍ପାନୀ ଜି.ଏମ୍‌ଙ୍କୁ ଗ୍ରାମବାସୀ ଅଭିଯୋଗ ପତ୍ର ଦେବାକୁ ଆସିଛନ୍ତି।

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳର ଦେଓଝରସ୍ଥିତ ଟାଟାଷ୍ଟିଲ କମ୍ପାନୀ ସ୍ଥାନୀୟ ଗ୍ରାମବାସୀଙ୍କ ଦାବି ପୂରଣ ନ କଲେ ଧାରଣା ଚେତାବନୀ ଦେଇ ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ପତ୍ର ସୋମବାର ଟାଟାକମ୍ପାନୀର ନୂଆମୁଣ୍ଡିସ୍ଥିତ ଜି.ଏମ ଙ୍କୁ ପ୍ରଦାନ କରିଛନ୍ତି। ଦେଓଝରସ୍ଥିତ ଟାଟାଷ୍ଟିଲର କାଟାମାଟି ଲୌହ ଖଣିର ଗ୍ରାମସଭା ୨୦୧୬ ନଭେମ୍ବର ୯ ତାରିଖରେ ଅନୁଷ୍ଠିତ ହୋଇଥିଲା। ତେବେ ଏହାର ପୂର୍ବ ଦିନ ଅର୍ଥାତ ୮ତାରିଖରେ ଅଞ୍ଚଳବାସୀଙ୍କ ବିଭିନ୍ନ ଦାବି ପୂରଣ ପାଇଁ ଏକ ଚୁକ୍ତି ପତ୍ର ସ୍ୱାକ୍ଷରିତ ହୋଇଥିଲା। ଉକ୍ତ ଚୁକ୍ତିନାମାରେ ସ୍ଥାନୀୟ ନିଯୁକ୍ତି, ପରିବହନ କାର୍ଯ୍ୟ, ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ସମସ୍ୟାର ସମାଧାନ ଲାଗି ଦେଓଝର ପଞ୍ଚାୟତବାସୀ ଦାବି କରିଥିଲେ। କମ୍ପାନୀ ପକ୍ଷରୁ ଉକ୍ତ ଦାବି ଗୁଡିକ ପୁରଣ ସକାଶେ ପ୍ରତିଶ୍ରୁତି ଦିଆଯାଇଥିଲା। ଏନେଇ ଗ୍ରାମର ମୁଖ୍ୟ ପ୍ରତିନିଧିଙ୍କ ସହ ଟାଟା କମ୍ପାନୀ ଏକ ଆଲୋଚନା ବୈଠକ କରାଯିବାର ଦିନ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଦୀର୍ଘ ଦିନ ବିତିଯାଇଥିଲାବେଳେ ଆଜି ପର୍ଯ୍ୟନ୍ତ କମ୍ପାନୀ କର୍ତ୍ତୃପକ୍ଷ ଉକ୍ତ ଦାବି ପୂରଣ କରିନାହିଁ କି ଏବିଷୟରେ ଗ୍ରାମବାସୀଙ୍କ ସହ ଆଲୋଚନା ମଧ୍ୟ କରିନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଣୁ ଗ୍ରାମବାସୀ ସୋମବାର ଉକ୍ତ ଲିଖିତ ଅଭିଯୋଗ ପତ୍ର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦେଇଥିବା ଗ୍ରାମର ପ୍ରଦୀପ ପଟ୍ଟନାୟକ, ରାଜୁ ପାତ୍ର, ରଞ୍ଜନ ପିଙ୍ଗୁଆ, କ୍ରିସନ ମୁଣ୍ଡା, ଗୁରୁ ଚରଣ ମହାନ୍ତ, ଲକ୍ଷ୍ମଣ ବାରିକ ପ୍ରମୁଖ ପ୍ରକାଶ କରିଛନ୍ତି। ୭ଦିନ ମଧ୍ୟରେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ଉକ୍ତ ଦାବି ପୂରଣ ନେଇ ଗ୍ରାମବାସୀଙ୍କ ସହ ଆଲୋଚନା ନ କଲେ ସପ୍ତମ ଦିନଠାରୁ ଟାଟା କମ୍ପାନୀର ମୁଖ୍ୟ ଗେଟ୍ ସମ୍ମୁଖରେ ଧାରଣା ଦିଆଯିବାସହ ଅଭିଯୋଗପତ୍ର ଦେବାର ୧୪ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ କମ୍ପାନୀର ସମସ୍ତ ପରିବହନ କାର୍ଯ୍ୟକୁ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ଟାଟାଷ୍ଟିଲ କମ୍ପାନୀର କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଆଶିଷ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରୁ କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି ମାଧ୍ୟମରେ ଉକ୍ତ ଅଞ୍ଚଳରେ କାର୍ଯ୍ୟ ହେଉଛି। ଯଦି କୌଣସି ଅସୁବିଧା ହୋଇଥାଏ, ତାହେଲେ ଗ୍ରାମବାସୀଙ୍କ ସହ କମ୍ପାନୀ ଯୋଗାଯୋଗ କରି ପଦକ୍ଷେପ ନିଆଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

■ ଦଲାଲ ଧରପଗଡ଼ ଧର୍ମକୁ ଆଖିଠାର

# ସିସିଟିଭି ଲଗାଇବାକୁ ଦାବି

କେନ୍ଦୁଝର, ୩୦।୯ (ସ୍ୱ.ପ୍ର.)

ମେଡିକାଲ, ଆରଟିଓ ସମେତ ଅନେକ ଅଫିସରେ ଦଲାଲମାନଙ୍କ ପ୍ରାଦୁର୍ଭାବ ଯୋଗୁ ସାଧାରଣ ଲୋକ ହୀନସ୍ତା ହେଉଛନ୍ତି। ଏହି ବ୍ୟବସ୍ଥା ଦୀର୍ଘ ବହୁ ବର୍ଷ ହେଲା ଚାଲିଆସୁଥିବା ବେଳେ ଏବେ ଏହା ଉପରେ କଟକଣା ଲଗାଇବାକୁ ଉଦ୍ୟମ ଆରମ୍ଭ ହୋଇଛି । ମେଡିକାଲ ଓ ଆର୍‌ଟିଓରେ ଚଢାଉ କରି ଜିଲାରେ ୧୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଏବେ ମଧ୍ୟ ବହୁ ବଡ ବଡ ଦଲାଲ ବାହାରେ ବୁଲୁଛନ୍ତି। ପୂର୍ବରୁ ସୂଚନା ପାଇ ସେମାନେ ଚଢାଉ ବେଳେ ଖସି ଯିବାକୁ ସକ୍ଷମ ହୋଇଥିବା ବେଳେ ତଳିଆ କେତେକ ଧରାପଡିଥିବା ଆଲୋଚନା ହେଉଛି । କିଛି ଦିନ ମଧ୍ୟରେ ଏହି କାମରୁ ଲକ୍ଷ ଲକ୍ଷ ଟଙ୍କା କମେଇ କରି ଘର ଓ ଗାଡି କିଣି ବିଳାସପୂର୍ଣ୍ଣ ଜୀବନ କାଟୁଥିବା ଦଲାଲମାନଙ୍କ ଉପରେ ଧରପଗଡ କରିବାକୁ ଦାବି ହେଉଛି। ସେହିପରି ମେଡିକାଲ ଓ ଆରଟିଓ ଅଫିସରେ ସେସବୁ କାରବାର ରୋକିବା ପାଇଁ ଆଗରୁ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଦାବି ହୋଇ ଆସୁଥିଲେ ହେଁ ସେସବୁ ଲଗାଯାଉ ନ ଥିବାରୁ ସନ୍ଦେହ ଉପୁଜିଛି। ଏପରିକି ମେଡିକାଲରେ ବହୁ ଅର୍ଥ ବ୍ୟୟରେ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଥିଲେ ହେଁ ସେସବୁ ଅଚଳ ହୋଇ ଯାଇଛି । ଜାଣି ଶୁଣି ଅଚଳ କରିଦିଆଯାଇଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ସେସବୁ ସଜଡା ଯାଉନାହିଁ । ଫଳରେ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିବା ସହ ଦଲାଲମାନଙ୍କ ପ୍ରାଦୁର୍ଭାବ ବଢୁଛି। ଏଣୁ ସେସବୁ କାର୍ଯ୍ୟକ୍ଷମ କରିବା ସହ ଏଭଳି ଦଲାଲଙ୍କ ଉପରେ ନଜର ରଖିବା ଉଚିତ ବୋଲି ଆଇନଜୀବୀ ସନ୍ତୋଷ ସାହୁ କହିଛନ୍ତି।

ସିସିଟିଭି ଲାଗିଲେ ବେଆଇନ କାମ ଉପରେ ରୋକ ଲାଗିପାରିବ। ଏଣୁ ଜାଣିଶୁଣି ଏହି ସବୁ ବିଭାଗରେ ଲଗାଯାଇପାରୁନାହିଁ ବୋଲି ମତ ପ୍ରକାଶ ପାଉଛି। ସେହିପରି ସମସ୍ତ ପୋଲିସ ଥାନା ତଥା ଅନ୍ୟାନ୍ୟ ପବ୍ଲିକ ଅଫିସରେ ମଧ୍ୟ ସିସିଟିଭି କ୍ୟାମେରା ଲଗାଗଲେ ଦୁର୍ନୀତି ତଥା ଦଲାଲମାନଙ୍କୁ ରୋକାଯାଇପାରିବ ବୋଲି ଆଇନଜୀବୀ ରବୀନ୍ଦ୍ର କୁମାର ସେଠୀ କହିଛନ୍ତି।

# ନିମ୍ନମାନର କାମ ଯୋଗୁ ରାସ୍ତା ଦୁଇ ଫାଳ

କେନ୍ଦୁଝର, ୩୦।୯ (ସ୍ୱ.ପ୍ର.)



ଦୁଇଫାଳ ହୋଇପଡ଼ିଥିବା ରାସ୍ତା।

ନିମ୍ନମାନର କାମ ଓ ଉପଯୁକ୍ତ ତଦାରଖ ଅଭାବରୁ କେନ୍ଦୁଝର ଜିଲାର ବିଶେଷ କରି ଆଦିବାସୀ ଅଧ୍ୟୁଷିତ ବାଂଶପାଳ ବ୍ଲକରେ ବିଭିନ୍ନ ବିଭାଗ ଦ୍ୱାରା କରାଯାଇଥିବା ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଛି। ନୂଆ ରାସ୍ତା କାମଗୁଡିକ ମଧ୍ୟ କମ ଦିନରେ ଭାଙ୍ଗି ଯାଇ ଯାତାୟାତ ବିପଦପୂର୍ଣ୍ଣ ହୋଇପଡୁଛି। ଏଭଳି ଜମିରିପଶିଠାରୁ ମୟୂରଡିହି ପର୍ଯ୍ୟନ୍ତ ଦୀର୍ଘ ୪ କି.ମି. ୮୬୦ ମିଟର ରାସ୍ତା ନିମ୍ନମାନର କାମ ଯୋଗୁ ଅନେକ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବା ବେଳେ ଘାଟିରେ ଥାକିଲି ମରା କାମ କରାଯାଇଥିବାରୁ ରାସ୍ତା ବ୍ୟବହାର ନ ହେଉଣୁ ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପ୍ରାୟ ଏକ ଶହ ଫୁଟ ରାସ୍ତା ଦବି ଯାଇ ଫାଟି ଯାଇଥିବାରୁ ଲୋକ ମାନେ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ସେହିପରି ଅନେକ ସ୍ଥାନରେ ରାସ୍ତା କଡ଼ରେ ଠିକ ଭାବରେ ମାଟି ଓ ମୋରମ ପ୍ୟାକିଂ ଦିଆଯାଇନାହିଁ କିମ୍ବା ରୋଲିଂ କରାଯାଇ ନ ଥିବାରୁ ବର୍ଷାରେ ଧୋଇ ହୋଇଯାଉଛି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବାରୁ ନଷ୍ଟ ହେବାକୁ ବସିଲାଣି । ସୂଚନା ଫଳକ ତଥ୍ୟ ଅନୁଯାୟୀ ୨ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାମ କରାଯାଇଛି। ୨୦୧୨ ଡିସେମ୍ବର ୫ରେ କାମ ଆରମ୍ଭ ହୋଇ ୨୦୧୮ ସେପ୍ଟେମ୍ବର ୪ରେ ଶେଷ ହେବାକୁ ଥିବା ଏହି ରାସ୍ତା କାମ ଅଦ୍ୟାବଧି ସରିନାହିଁ । ତେବେ ଏହା ସତ୍ତ୍ୱେ ବିଲ୍ କରି ଠିକାଦାରଙ୍କୁ ପୈଠ କରାଯାଇଥିବା ଅଭିଯୋଗ ହେଉଛି । ୫ ବର୍ଷ ରକ୍ଷଣାବେକ୍ଷଣ ବାବଦକୁ ୧୭.୧୭ ଲକ୍ଷ ଟଙ୍କା ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଜନ କେନ୍ଦୁଝର ୨ ଅଧୀନରେ ଏହି କାମ ଚାଲିଛି। ଶ୍ରମିକ ମାନେ ଆଇନଗତ ଭାବେ ମିଳିବାକୁ ଥିବା ସର୍ବନିମ୍ନ ମଜୁରି ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏଣୁ ଏହାର ତଦନ୍ତ ଶ୍ରମ ବିଭାଗ ପକ୍ଷରୁ କରିବାକୁ ଦାବି ହେଉଛି। ଯେଉଁଠି କାମ ଖରାପ ହୋଇଛି ସେଠାରେ କାମ ମରାମତି କରି ଠିକ କରାଯିବ ବୋଲି ଏହି କାର୍ଯ୍ୟର ତଦାରଖ କରିଥିବା ଯନ୍ତ୍ରୀ ଦୋଳଗୋବିନ୍ଦ ମହାରଣା କହୁଥିଲେ ହେଁ ନୂଆ କାମକୁ ମରାମତି କଲେ ଏହା କେତେ ଦୂର ସୁଦୃଢ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

ଆନନ୍ଦପୁର/କୋଲିମାଟି, ୩୦।୯(ସ୍ୱ.ପ୍ର./ଡି.ଏନ୍.ଏ.)

କୌଣସି କାରଣକୁ ନେଇ ସ୍ତ୍ରୀ ସହିତ ପାଟିତୁଣ୍ଡ କରିବା ପରେ ଦେହରେ କିରୋସିନ ଢାଳି ସ୍ୱାମୀ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛି। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘସିପୁରା ଥାନା ଅନ୍ତର୍ଗତ ଭାଲୁକୁମା ଗ୍ରାମର ସଞ୍ଜୟ ପଲେଇ ପେଶାରେ ଜଣେ ଗାଡି ଚାଳକ। ଆଠ ଦିନ ତଳେ ସେ ନିଜ ଡ୍ୟୁଟି ସାରି ଘରକୁ ଫେରିଥିଲେ। କୌଣସି କାରଣକୁ ନେଇ ସୋମବାର ସ୍ତ୍ରୀଙ୍କ ସହିତ ବଚସା ହୋଇଥିଲା। ଏଥିରେ ରାଗିଯାଇ ସଞ୍ଜୟ ନିଜ ଶୋଇବା ଘରେ ଦେହରେ କିରୋସିନ ଢାଳି ନିଆଁ ଲଗେଇଦେଇଥିଲା। ଘଟଣା ଜାଣି ପରିବାର ଲୋକେ ନିଆଁ ଲିଭାଇବା ସହିତ ୧୦୮ ଆମ୍ବୁଲାନ୍ସ ସହାୟତାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ହାଟଡିହୀ, ୩୦।୯(ସ୍ୱ.ପ୍ର.)

ହାଟଡିହୀ ବ୍ଲକ ଅନ୍ତର୍ଗତ ଛେନାପଦୀ ବିଶ୍ୱତାରିଣୀ ମହିଳା ମହାବିଦ୍ୟାଳୟର ଇଂଲିଶ ପ୍ରଧାପକ ରବୀନ୍ଦ୍ର କୁମାର ଜେନାଙ୍କ ଅବସର ନିମିତ୍ତ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପହି ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଯୋଗ ଦେଇଥିଲେ। ମୁଖ୍ୟଅତିଥିଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ମମତା ବିଶୋୟୀ, ରାଜଶ୍ରୀ ଗୋସ୍ୱାମୀ, ସୁକାନ୍ତି ମହାପାତ୍ର, ବେଦମତୀ ନାୟକ, ଅଧ୍ୟାପକ ହିମାଂଶୁ ମିଶ୍ର, ସୁବାସ ପାତ୍ର, ଗ୍ରନ୍ଥାଗାରିକା ଆରତୀ ମଜୁମଦାର ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରୀମାନେ ମଧ୍ୟ ନିଜ ଗୁରୁଙ୍କ ଗୁଣଗାନ କରିଥିଲେ।

# ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଆଦିବାସୀ ଦମ୍ପତି

ରାଇସୁଆଁ, ୩୦।୯(ଡି.ଏନ.ଏ.)



ମୋହନ ମୁଣ୍ଡା ଏବଂ ଶୁକୁମତି ମୁଣ୍ଡା।

ସରକାର ଗରିବ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଥଇଥାନ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଯୋଜନା କରିଛନ୍ତି। ମାତ୍ର ପ୍ରଶାସନିକସ୍ତରରେ ମାନସିକତାର ଅଭାବ ଏବଂ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାୟର ଖାମଖିଆଲି ମନୋଭାବ ଯୋଗୁ ବହୁ ଗରିବ ନିରାଶ୍ରୟ ବୃଦ୍ଧାବୃଦ୍ଧ ଆଜି ଯାଏ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପଶି ଗ୍ରାମରେ। ମୁଣ୍ଡା ସାହିର ଆଦିବାସୀ ଦମ୍ପତି ମୋହନ ମୁଣ୍ଡା (୭୪) ଏବଂ ତାଙ୍କ ସ୍ତ୍ରୀ ଶୁକୁମତି ମୁଣ୍ଡା (୭୦)ଙ୍କ କ୍ଷେତ୍ରରେ। ବହୁବାର ବାର୍ଦ୍ଧକ୍ୟ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନୟାନ୍ତ ହେଲେଣି ମାତ୍ର ତାଙ୍କୁ ଆଜି ଯାଏ ଭତ୍ତା ମିଳୁନି ବୋଲି ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହ ଏହି ଗରିବ ଆଦିବାସୀ ବୃଦ୍ଧାବୃଦ୍ଧଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଜନଶୁଣାଣି କାର୍ଯ୍ୟକ୍ରମ

ହାଟଡିହୀ, ୩୦।୯(ଡି.ଏନ୍.ଏ./ ସ୍ୱ.ପ୍ର.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଜିଲାପାଳ ଆଶିଷ ଠାକରେ ଓ ଏସପି ମିତ୍ରଭାନୁ ମହାପାତ୍ର ଅଭିଯୋଗ ଶୁଣାଣି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୋଟ ୧୯୧ ଅଭିଯୋଗର ଶୁଣାଣି ହୋଇଥିଲା। ଉପଖଣ୍ଡ, ବ୍ଲକ, ଜିଲାସ୍ତରୀୟ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ହଦଗଡ ପଞ୍ଚାୟତ ଦଲକି ସ୍କୁଲର ଗୋଷ୍ଠୀ ବିବାଦ, ସୁଲଣ ପଞ୍ଚାୟତ ସମସ୍ୟାକୁ ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ଅଧିକାରୀ ଉଦ୍ଧବ ମାଝି, ଆଇଟିଡିଏର ପ୍ରକଳ୍ପ ଅଧିକାରୀ ନାରାୟଣ ମୁର୍ମୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ ଦାଶ, ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ, ହାଟଡିହୀ ବିଡିଓ ସୁଶାନ୍ତ କୁମାର ବାରିକ, ହାଟଡିହୀ ତହସିଲଦାର ଗାୟତ୍ରୀ ସୋରେନ୍, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଉପସ୍ଥିତ ଥିଲେ । ଏହା ବ୍ୟତୀତ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଜିଲାପାଳଙ୍କ ନିର୍ଦ୍ଦେଶକୁ ଗ୍ରହଣ କରି ଲୋକଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ହାଟଡିହୀ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



ଅଭିଯୋଗ ଶୁଣାଣିରେ ଉପସ୍ଥିତ ଜିଲାପାଳ ଆଶିଷ ଠାକ୍‌ରେ ଓ ଅନ୍ୟମାନେ।

# ସରକାରୀ ଇଞ୍ଜିନିୟରିଂ କଲେଜରେ ବିଦ୍ୟୁତମ୍ କର୍ମଶାଳା

କେନ୍ଦୁଝର, ୩୦।୯(ଡି.ଏନ୍.ଏ.)

କେନ୍ଦୁଝର ସରକାରୀ ଇଞ୍ଜିନିୟରିଂ କଲେଜରେ ବିଦ୍ୟୁତମ୍ କର୍ମଶାଳା ଗତ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ଏହି କର୍ମଶାଳାକୁ ପ୍ରଫେସର ଶୁଭ୍ରାଂଶୁ ଶେଖର ଦାସ ସ୍ୱାଗତ କରିଥିଲେ। ଜାତୀୟ ବୈଷୟିକ ପ୍ରତିଷ୍ଠାନ ଦୁର୍ଗାପୁରର ପ୍ରଫେସର ଡ. ପରିମଳ ଆଚାର୍ଯ୍ୟ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ତ୍ରିଲୋଚନ ସାହୁ ଯୋଗଦେଇ କର୍ମଶାଳାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭରଦ୍ୱାଜ ମିଶ୍ର ମୁଖ୍ୟଅତିଥି, କନ୍ଧମାଳ ଉନ୍ନୟନ ସେଲର ସଦସ୍ୟ ମହେନ୍ଦ୍ର ପାଢୀ, ବିଏସ୍‌ଏନ୍‌ଏଲ ଏସ୍‌ଡିଓ ଇଂ ମୃଣ୍ମୟ ରଥ ଯୋଗଦେଇ ବୈଷୟିକ ଶିକ୍ଷା ଓ ଉପଯୋଗିତା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଆବାହକ ପ୍ରଫେସର ରାକେଶ ରଞ୍ଜନ ଶୁକ୍ଳା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥି।

# ବ୍ଲକସ୍ତରୀୟ କୃଷକ ମେଳା

ପାଟଣା, ୩୦।୯(ସ୍ୱ.ପ୍ର.)



ଅତିଥିମାନେ କୃଷି ପତ୍ରିକା ଉନ୍ମୋଚନ କରୁଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ଶିବ ମନ୍ଦିର ପଡିଆରେ ସୋମବାର ବ୍ଲକ ସ୍ତରୀୟ କୃଷକ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ଗ୍ରାମରୁ ୫ ଶହରୁ ଉର୍ଦ୍ଧ୍ୱ କୃଷକ ଯୋଗ ଦେଇ କୃଷି କ୍ଷେତ୍ରରେ ଉପୁଜୁଥିବା ସମାସ୍ୟା ଉପରେ କୃଷି ଅଧିକାରୀ ଓ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କୁ ଅବଗତ କରାଇଥିଲେ। ଆୟୋଜିତ କୃଷକ ସମ୍ପର୍କ ମେଳା ଜିଲା କୃଷିଅଧିକାରୀ ଘଟଗାଁ ନାରାୟଣ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟା ସୁରୁମାଲ ବେହେରା, ପୂର୍ବତନ ପାଟଣା ବିଧାୟକ କାହ୍ନୁଚରଣ ନାଏକ ଓ କୃଷିବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗବନ୍ଧୁ ରାଉତ ପ୍ରମୁଖ ଯୋଗ ଦେଇ କୃଷି କ୍ଷେତ୍ରରେ କୃଷକ ମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ତାହାର ପ୍ରତିକାର ବିଷୟରେ ଆଲୋକପାତ କରିଥିଲେ। ବିଧାୟକ ଜଗନ୍ନାଥ କୃଷକ ମାନଙ୍କ କଲ୍ୟାଣ ପାଇଁ ସମସ୍ତ ପ୍ରକାର ଭିତ୍ତି ଭୂମି ଯୋଗାଇ ଦିଆଯିବ ବୋଲି କୃଷକ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ କୃଷି ସମସ୍ୟା ଉପରେ ଆଧାରିତ ଏକ ପତ୍ରିକାକୁ ବିଧାୟକ ଉନ୍ମୋଚନ କରିଥିଲେ। ଏହି ଉପାଦେୟ ପୁସ୍ତକଟି କୃଷକଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ଶସ୍ୟ ସଂରକ୍ଷଣ ଅଧିକାରୀ ଘଟଗାଁ ର ମିହିର କୁମାର ସାହୁ ସଂଯୋଜନା କରିଥିବା ବେଳେ ପାଟଣା ବ୍ଲକ କୃଷିଅଧିକାରୀ ପରେଶ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ଖୋଲ ତାଳର ବାଜିଗର ନୟନ

ତେଲକୋଇ, ୩୦।୯(ଡି.ଏନ.ଏ.)

କଳା ସମର୍ପିତ ହୋଇଛନ୍ତି କଳାକାର ବାଜିଗର। ଅପହଞ୍ଚ ଅଞ୍ଚଳରେ ତାଙ୍କର ବେଶ ଆଦୃତ ତାଙ୍କ କଳାକୁ ନେଇ। ଛୋଟ ବୟସରୁ ଏହି କଳାକୁ ନେଇ ମୃଦଙ୍ଗ, ମାଦଳ, ଡୁବି ତବଲା, ଢୋଲ ଆଦି ପ୍ରସ୍ତୁତି କରିବା ସହିତ ଉକ୍ତ ବାଦ୍ୟଯନ୍ତ୍ରର ମୂର୍ଚ୍ଛନାକୁ ତୋଳି ରଖିଛନ୍ତି। ଏଥିପାଇଁ ଜିଲା ସମେତ ଅନୁଗୋଳ, ଢେଙ୍କାନାଳ, ଦେବଗଡ, ମୟୂରଭଞ୍ଜ ଜିଲାରୁ ଆସନ୍ତି ଏହି ବାଦ୍ୟଯନ୍ତ୍ର ତିଆରି ପାଇଁ। ସରକାରଙ୍କ ତରଫରୁ ପ୍ରଶଂସା କରାଯାଉଥିବାବେଳେ କୌଣସି ସହାୟତା କରାଯାଉନି। ଏଭଳି ପ୍ରତିଭା ଥାଇ ମଧ୍ୟ ଲୁଚ୍ଚାୟିତ ହୋଇଯାଉଛି।

ତେଲକୋଇ ବ୍ଲକ ଅଧୀନର ସିରିଗିଡା ପଞ୍ଚାୟତର ମକାପଡା ଗ୍ରାମର ହେଲେ ନୟନ ଦାସ(୭୫)। ଛୋଟ ବେଳୁ ଏହି କଳାରେ ପାରଙ୍ଗମ ହୋଇଥିବା ବେଳେ ଏହାକୁ ନିଜର ବୃତ୍ତି ଭାବି ଅଦ୍ୟାବଧି ଜାରି ରଖିଛନ୍ତି । ତାଙ୍କର ସ୍ୱତନ୍ତ୍ର ପରିଚୟ ହେଉଛି ସେ ଜଣେ ତପସ୍ୱୀ। ଜନ୍ମ ପରେ କେବେ ଚପଲ ପିନ୍ଧିନାହାନ୍ତି। ବିଭିନ୍ନ ଜିଲାକୁ ଗଲେ ଖାଲିପାଦରେ ଯିବା ସହିତ ସମସ୍ତଙ୍କ ଶ୍ରଦ୍ଧା ଭାଜନ ହୋଇଥାନ୍ତି। ତାଙ୍କ ମୃଦଙ୍ଗ ଓ ମାଦଳକୁ ଭୁବନେଶ୍ୱର ସ୍ଥିତ ଇସ୍କନ ମନ୍ଦିର ପକ୍ଷରୁ ଅର୍ଡର ଦିଆଯାଇ ଜିଲ୍ଲା ଓ ଦେଶ ବାହାରକୁ ନେଇଥାନ୍ତି । ତାଙ୍କୁ କାହିବାନୁଯାୟୀ ଗ୍ରାମରେ ସ୍କୁଲ ନ ଥିବା ସ୍ଥଳେ ନିକଟସ୍ଥ ସ୍କୁଲରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ମୃଦଙ୍ଗ, ମାଦଳ ଏବଂ ଢୋଲର ମୂର୍ଚ୍ଛନା ଦେବା ଗୁରୁତ୍ୱ ଯୋଗୁ ସବୁ ଯନ୍ତ୍ରପାତିକୁ ତିଆରି କରୁଥିବାରୁ ତାଙ୍କୁ ଆଦୃତ କରିଛନ୍ତି। ସେହି ଅଞ୍ଚଳର ବିଭିନ୍ନ ଗ୍ରାମର କୀର୍ତ୍ତନ ମଣ୍ଡଳୀ ଦୈନିକ ଆସି ତାଙ୍କୁ ଉତ୍ସାହିତ କରିବାରେ ଲାଗିଛନ୍ତି । ପରିବାର କହିଲେ ୨ପୁଅ ବୋହୂ, ନାତିନାତୁଣି ସମସ୍ତେ ପାଖରେ ଅଛନ୍ତି। ତାଙ୍କ ମଧ୍ୟରେ ଥିବା ଏହି ପ୍ରତିଭାକୁ ଅଣଦେଖା କରାଯାଉଛି। ଜୀବନ ଥିବା ମଧ୍ୟରେ ଏହି ଖୋଳ ତାଳର ମେଳକୁ ଉଜ୍ଜୀବିତ କରିବାକୁ ନିଷ୍ପତ୍ତି ନେଇଛି। ଜିଲା ଓ ଓଡିଶା ବାହାର ସଂସ୍ଥା ଆସି ପ୍ରଶଂସାରେ ପୋତୁ ଥିବା ବେଳେ ଏହା କଳାକୁ ସ୍ୱତନ୍ତ୍ର ଭାବେ ଉଜ୍ଜୀବୀତ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ସେ କହିଛନ୍ତି। ଘର ପର୍ଯ୍ୟନ୍ତ ଆସିବାକୁ ରାସ୍ତା ନାହିଁ। ଜଙ୍ଗଲ ଅଞ୍ଚଳରେ ରହିଥିଲେ ହେଁ ବାଦ୍ୟଯନ୍ତ୍ର ପାଇଁ ବହୁ ଲୋକେ ଆସି ପହଞ୍ଚିଥାନ୍ତି। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଏହି କଳାକୁ ବଞ୍ଚାଇ ରଖିବାକୁ ସେ ଦୃଢ଼ ସ୍ୱରରେ କହିଛନ୍ତି ।



ଖୋଳ ତାଳ ସଂଯୋଗ କରୁଛନ୍ତି ନୟନ ଦାସ ।

## ଆଜି କ'ଣ କେଉଁଠି

ସିମୁଳିଆ
- ବରିଷ୍ଠ ନାଗରିକ ଦିବସ ପାଳନ, ବାଲିଖଣ୍ଡ, ପୂର୍ବାହ୍ନ ୧୦ଟା।

## ବାଉଁଶଗଡିଆରେ ହାତୀ ଉପଦ୍ରବ

**ଖଇରା, ୩୦।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଉଁଶଗଡିଆରେ ହାତୀ ଉପଦ୍ରବ ଯୋଗୁ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ହାତୀ ଘଉଡାଇବା ଲାଗି କୁପାରୀ ଫରେଷ୍ଟର କିଶୋର ଚନ୍ଦ୍ର ଭୂୟାଁ ଓ ଗାର୍ଡ ସଞ୍ଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମରେ ମୁତୟନ ଥିବା ଜଣାଯାଇଛି। ରବିବାର ରାତିରେ ୨ଟି ଦନ୍ତା ହଦଗଡ ଅଭୟାରଣ୍ୟରୁ ଆସି ବାଉଁଶଗଡିଆ ପଞ୍ଚାୟତର ତେଲିଆବାଙ୍କ, ବଡବିଲ, ବଗେଇପୁର, ରଣପୁର ଆଦି ଗ୍ରାମରେ ପଶି ଫସଲ ନଷ୍ଟ କରିଥିଲେ। ଏହାଛଡା ବଗେଇପୁର ଗ୍ରାମର ଜତିନ୍ଦ୍ର ବେହେରାଙ୍କ ଘର ଭାଙ୍ଗି ଦେଇଥିବା ଜଣାଯାଇଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବାକୁ ଦାବି ହୋଇଛି।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

**ବାଲିଆପାଳ, ୩୦।୯(ଡି.ଏନ.ଏ.):** ଲଗାଣ ବର୍ଷା ଯୋଗୁ ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଇକଡପାଳ ଗ୍ରାମର ରଞ୍ଜନ କୁମାର ପାତ୍ରଙ୍କର ୪ ବଖରା ମାଟି ଓ ଟାଇଲ ଛପର ଘର ଶନିବାର ରାତିରେ ଭାଙ୍ଗିଯାଇଛି। ରଞ୍ଜନ ପାତ୍ର ରାତିରେ ସପରିବାର ଶୋଇଥିବା ବେଳେ ହଠାତ୍ ମାଟିକାନ୍ଥ ଓ ଟାଇଲ ଛପର ଚାରି ବଖରା ଘର ଭୁଶୁଡି ପଡିଥିଲା। ବହୁ କଷ୍ଟରେ ପରିବାର ଲୋକେ ଘରୁ ବାହାରିଥିଲେ। ପଡୋଶୀଙ୍କ ସହାୟତାରେ ଆସବାବପତ୍ର ବାହାର କରିଥିଲେ। ସେହିପରି ପଞ୍ଚାୟତର ନୟାବାଲି ଗ୍ରାମର ବିଦ୍ୟାଧର ମଙ୍ଗରାଜ ଓ ଶଚୀନ୍ଦ୍ର ଦଳାଇଙ୍କ ଘର ମଧ ଭାଙ୍ଗିଯାଇଛି। ସପରିବାର ଏବେ ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ତେବେ ତହସିଲଦାରଙ୍କ ସହିତ ଯୋଗାଯୋଗ କରାଯିବାରୁ ମଙ୍ଗଳବାର ତଦନ୍ତ କରାଯାଇ ଆବଶ୍ୟକ ସ୍ଥଳେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ୪ କ୍ରଶର ୟୁନିଟ୍ ଯାଞ୍ଚ

**ସୋର, ୩୦।୯(ଡି.ଏନ୍.ଏ.):** ସୋର ତହସିଲ ଅଧୀନ ଖଞ୍ଜାମାହାଲ ପାହାଡ ଖାଦାନ ନିକଟ ଅଞ୍ଚଳରେ ରାଜସ୍ୱ ବିଭାଗ ତତ୍ତ୍ୱାବଧାନରେ ଗଠିତ ଏକ ଟିମ୍ ରବିବାର ପଥର କ୍ରଶର ୟୁନିଟ୍‌ରେ ଯାଞ୍ଚ କରି ଗୋଟିଏ ୟୁନିଟ୍ ସିଲ୍ କରିଛି। ସୋମବାର ଏହି ଟିମ୍ ପକ୍ଷରୁ ଆଉ ୪ଟି ୟୁନିଟ୍‌ରେ ଚଢ଼ାଉ କରାଯାଇଛି। ଉପଜିଲାପାଳ, ସ୍ଥାନୀୟ ତହସିଲଦାର, ଅତିରିକ୍ତ ତହସିଲଦାର, ବନ ବିଭାଗ ଓ ପୋଲିସ ଅଧିକାରୀଙ୍କୁ ନେଇ ଗଠିତ ଏହି ଟିମ୍ ବିଭିନ୍ନ କ୍ରଶର ୟୁନିଟ୍ ଯାଞ୍ଚ କରି ଅନିୟମିତତା ଥିବା ଜାଣି ତାଗିଦ୍ କରିଛି। ରବିବାର ବାଗୁଡି ଗ୍ରାମସ୍ଥ ମୁକ୍ତେଶ୍ୱର ୟୁନିଟ୍‌ରେ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଅଭିଯୋଗରେ ୟୁନିଟ୍‌କୁ ସିଲ କରାଯାଇଥିଲା। ସୋମବାର ବାଗୁଡିସ୍ଥିତ ସତ୍ୟନାରାୟଣ ୟୁନିଟ୍, ଚମ୍ପୁ ଗ୍ରାମସ୍ଥ ପଞ୍ଚୁଲିଙ୍ଗେଶ୍ୱର ୟୁନିଟ୍, ନୂଆପୁରର ମହାଲକ୍ଷ୍ମୀ ୟୁନିଟ୍ ଓ ଆଙ୍ଗୁଳାର ଦୁର୍ଗା ୟୁନିଟ୍‌ରେ ଯାଞ୍ଚ ହୋଇଥିଲା। ଏହି ୪ କ୍ରଶର ୟୁନିଟ୍‌ରେ ଚିପ୍ସ ଉତ୍ପାଦନ ଓ ଷ୍ଟକ୍ ପରିମାଣ ରେକର୍ଡ ରେଜିଷ୍ଟରରେ ନ ଥିବାରୁ ଟିମ୍ ପକ୍ଷରୁ ତାଗିଦ୍ କରାଯାଇଛି।

## ଅଧିକାରୀଙ୍କୁ ସମବାୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ

# 'କ୍ଷେତ୍ର ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କର'

**ବାଲେଶ୍ୱର ଅଫିସ, ୩୦।୯**



ସମୀକ୍ଷା ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅଧିକାରୀ।

ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୋମବାର ବାଲେଶ୍ୱର ଗସ୍ତରେ ଆସି ବାଲେଶ୍ୱର ଓ ଭଦ୍ରକ ଜିଲାର ସମବାୟ ବିଭାଗର କାର୍ଯ୍ୟାବଳୀ ଏବଂ ୫-ଟି କାର୍ଯ୍ୟାନ୍ୱୟନ ସମ୍ପର୍କରେ ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ସ୍ଥାନୀୟ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଚାଷୀ ଏବଂ ଜନସାଧାରଣଙ୍କ ସହ ସମନ୍ୱୟ ରକ୍ଷା କରି ସମବାୟ ବିଭାଗ କାର୍ଯ୍ୟ କରିବାକୁ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସମ୍ପ୍ରତି ୫-ଟି ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ତାହାକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବାକୁ ସେ କହିଥିଲେ। ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଦଳଗତ ଭାବେ ସମୟସୀମା ମଧ୍ୟରେ ସ୍ୱଚ୍ଛତାର ସହ କାର୍ଯ୍ୟ କଲେ ରାଜ୍ୟର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଏଥିରେ ଅବହେଳା କଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଥିଲେ। ରାଜ୍ୟ ତଥା ଦେଶର ଅର୍ଥନୈତିକ ପ୍ରଗତି ଏଥିସହ ଜଡ଼ିତ ଥିବାରୁ ଏ ଦିଗରେ ଯୋଜନାବଦ୍ଧ ଭାବେ କାମ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ସଭାପତି ରଘୁନାଥ ଲେଙ୍କା ଏଥିରେ ଅଧକ୍ଷତା କରିଥିଲେ।

ଚାଷୀମାନେ ଧାନ ବିକ୍ରି ଟଙ୍କା ଠିକ୍ ସମୟରେ ପାଇପାରୁ ନ ଥିବା ଏବଂ ସେବା ସମବାୟ ସମିତିର ୨୦୧୪-୧୫ ପାଖରୁ ମଣ୍ଡି ଶ୍ରମ ପ୍ରାପ୍ୟ ପାଇ ନ ଥିବା ସିଏସଓ ଏବଂ ଏସିଏସ୍‌ଓଙ୍କୁ ଡକାଇ ଏହି ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମବାୟ ବ୍ୟାଙ୍କ ଓ ପ୍ରାଥମିକ ସମବାୟ କୃଷି ସମିତିଗୁଡିକ ଦ୍ୱାରା ଚାଷୀମାନଙ୍କୁ ଦିଆଯାଇଥିବା ଋଣ ଏବଂ ବାଲେଶ୍ୱର, ଭଦ୍ରକ ଜିଲାର ଜନସାଧାରଣ ସମବାୟ ବ୍ୟାଙ୍କରେ ଜମା କରିଥିବା ଟଙ୍କା ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ଋଣ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମବାୟ ବ୍ୟାଙ୍କ ଓ ସମିତିଗୁଡ଼ିକର ନିୟମିତ ଅଡିଟ୍ ସହ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବାକୁ ସେ କହିଥିଲେ। ଆଜିର ସମୀକ୍ଷା ପରେ ପୁନର୍ବାର ୪ ମାସ ପରେ ଆଉ ଏକ ସମୀକ୍ଷା ବୈଠକ କରି ଏହାର ଅଗ୍ରଗତି ସମ୍ପର୍କରେ ତଦାରଖ କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଟ୍ରାକ୍ଟର ଓ ପାୱାର ଟିଲର ସମେତ କୃଷି ଯନ୍ତ୍ରପାତି କିଣିବା ଦିଗରେ ଋଣ ପ୍ରଦାନ, ଖରିଫ ଋତୁରେ ଚାଷୀମାନେ ଯେପରି ଧାନର ଉଚିତ୍ ମୂଲ୍ୟ ଠିକ୍ ସମୟରେ ପାଇପାରିବେ ସେଦିଗରେ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମାଞ୍ଚଳରେ ସମବାୟ ସଚେତନତା କାର୍ଯ୍ୟକ୍ରମ, ସାଧାରଣ ସେବା କେନ୍ଦ୍ର, ଚାଷୀମାନଙ୍କ ଆଧାରକାର୍ଡ଼ ଲିଙ୍କ, ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ଏବଂ ସେମାନଙ୍କର ପ୍ରାପ୍ୟ ପ୍ରଦାନ ପ୍ରସଙ୍ଗରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ସେହିପରି ସମବାୟ ବ୍ୟାଙ୍କ ଓ ସମବାୟ ସମିତିଗୁଡ଼ିକ ନିମନ୍ତେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ଯେପରି ପୂରଣ ହୋଇପାରିବ ତାହା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ସମବାୟ ସମିତିଗୁଡ଼ିକରେ ଖାଲିପଡ଼ିଥିବା ପଦବୀ ଏବଂ କମ୍ପ୍ୟୁଟରୀକରଣ ଉପରେ ସେ ଅଧିକାରୀମାନଙ୍କଠାରୁ ତଥ୍ୟ ହାସଲ କରିଥିଲେ। ବୈଠକରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଡିଆରସିଏସ ଦାୟିତ୍ୱରେ ଥିବା ବ୍ୟାଙ୍କ ଉପସଭାପତି ଅନୀତା ଭୂୟାଁ, ନିର୍ଦ୍ଦେଶକ ଅଜୟ ସାମଲ, ମାନସ ଜେନା, ଗିରୀଶ ଦାସ, ଭାଗବତ ଖିଲାର, ରମେଶ ଭାରତୀ, ନିର୍ମଳ ମଣ୍ଡଳ, ଅସ୍ମିତା ମହାପାତ୍ରଙ୍କ ସମେତ ସେବା ସମବାୟ ସମିତିରୁ ୩ଜଣ ସଭାପତି ଓ ୩ଜଣ ସମ୍ପାଦକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆରସିଏସ, ଅଡିଟର ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦୁର୍ବୃତ୍ତଙ୍କୁ ନିସ୍ତୁକ ପିଟିଲେ ଗ୍ରାମବାସୀ

**ବସ୍ତା, ୩୦।୯(ସ୍ୱ.ପ୍ର.)**

ବସ୍ତା ଥାନା ଶ୍ୟାମରାଇପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ଚୋରି ଉଦ୍ୟମ କରୁଥିବା ବେଳେ ୩ଜଣ ଦୁର୍ବୃତ୍ତ ଲୋକଙ୍କ ହାତରେ ଧରାପଡ଼ି ମାଡ ଖାଇବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି।

ଶ୍ୟାମରାଇପୁର ଗ୍ରାମରେ ରବିବାର ରାତିରେ ଯାତ୍ରା ହେଉଥିବା ବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ୫ ଦୁର୍ବୃତ୍ତ ଗୋପାଳ ସାମନ୍ତଙ୍କ ଘରେ ପଶିଥିଲେ। ସେହି ସମୟରେ ଗୋପାଳଙ୍କ ସ୍ତ୍ରୀ ଘରକୁ ଆସି ଘର ତାଲା ଭଙ୍ଗାଯାଇଥିବା ଦେଖିବା ସହ କବାଟ ଖୋଲା ହୋଇ ରହିଥିବା ଦେଖିଥିଲେ। ସେ ଘର ଭିତରକୁ ଯିବାରୁ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ପଳାଇ ଯାଉଥିବା ବେଳେ ସେ ଚିତ୍କାର କରିଥିଲେ। ଏହି ସମୟରେ ଯାତ୍ରା ଦେଖୁଥିବା ଲୋକେ ଦୌଡ଼ି ଆସି ସେମାନଙ୍କୁ କାବୁ କରିନେଇଥିଲେ। ତାଙ୍କୁ ଲୋକେ ଘେରି ଯାଇଥିବା ବେଳେ ଏହି ସୁଯୋଗ ନେଇ ଅନ୍ୟ ଦୁଇଜଣ ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ତାଙ୍କର ଭଙ୍ଗାଯାଇଥିବା ବାକ୍ସରୁ ଦୁଇଟି ସୁନାହାର, ସୁନା ବାହୁଟି, ଦୁଇଟି କାନଫୁଲ, ତିନୋଟି ସୁନା ମୁଦି, ସୁନାର ପଲା, ମଙ୍ଗଳ ସୂତ୍ର ସମେତ ରୁପା ଜିନିଷ ସବୁ ଚୋରି ହୋଇଯାଇଥିଲା। ଚୋରଙ୍କୁ ଧରିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ଧରାପଡ଼ିଥିବା ଯୁବକଙ୍କୁ ମାଡ଼ ମାରି ପୋଲିସକୁ ହସ୍ତାନ୍ତର କରିଥିଲେ। ସେମାନେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଥାନା ଆଇଆଇସି ଧନେଶ୍ୱର ସାହୁ କହିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୮୧/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଲୋକଙ୍କ ଆକ୍ରୋଶର ଶିକାର ହୋଇଥିବା ଯୁବକଙ୍କ ପରିବାର ପକ୍ଷରୁ ମଧ ଥାନାରେ ଅଭିଯୋଗ ହୋଇଛି।



ଟାଲେଣ୍ଟ ହଣ୍ଟରେ କୃତୀ ପ୍ରତିଯୋଗୀଙ୍କ ଗହଣରେ ଅତିଥି।

## ସରିଲା ନାଚ୍ ଟ୍ୟାଲେଣ୍ଟ ହଣ୍ଟ

**ବାଲେଶ୍ୱର ଅଫିସ, ୩୦।୯**

ବାଲେଶ୍ୱରର ଅଗ୍ରଣୀ ନୃତ୍ୟାନୁଷ୍ଠାନ ନାଚ୍ (ନ୍ୟାଶନାଲ୍ ଏକାଡ଼େମୀ ଫର୍ ଆର୍ଟ ଆଣ୍ଡ୍ କୋରିଓଗ୍ରାଫି ହବ୍) ଓ ଇନ୍‌ଭିନ୍‌ସିକ୍ସର ମିଳିତ ଆନୁକୂଲ୍ୟରେ ନାଚ୍ ଟ୍ୟାଲେଣ୍ଟ ହଣ୍ଟ ସିଜନ୍-୩ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, ମ୍ୟୁଜିକ୍ ଚେୟାର, ର୍‌ୟାମ୍ପ ୱାକ୍, ଗଳ୍ପକଥନ, ରାଇମ୍‌ସ ଆଦି ପ୍ରତିଯୋଗିତାରେ ୯୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଭିଭାବକଙ୍କ ମଧ୍ୟରେ ଟାଲେଣ୍ଟ ହଣ୍ଟ ଏବଂ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ମୀନାକୁମାରୀ ସାମଲ, ରେଖା ସିଂ ଓ ପୁଷ୍ପାଞ୍ଜଳି ପଣ୍ଡା ଯୋଗଦେଇ ପ୍ରତିଭାର ମୂଲ୍ୟାୟନ କରିଥିଲେ।

ଅନୁଷ୍ଠାନ ମୁଖ୍ୟ ରୋନାଲିସା ପଣ୍ଡାଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ଶଶୀରଞ୍ଜନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅରୁଣାଂଶୁ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଅର୍ଚ୍ଚିଶା ପାଣିଗ୍ରାହୀଙ୍କ ମଞ୍ଚ ସଂଯୋଜନାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

## ୧୭୧ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

**ସିମୁଳିଆ, ୩୦।୯(ଡି.ଏନ.ଏ.)**



ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀ।

ସିମୁଳିଆ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ସୋମବାର 'ମିଳିତ ଜନଶୁଣାଣି ଶିବିର' ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗରେ ଜନସାଧାରଣଙ୍କ ୧୭୧ଅଭିଯୋଗକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଏସ୍‌ପି ବି. ଯୁଗଳ କିଶୋର ଶୁଣିବା ସହିତ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସିମୁଳିଆ ବ୍ଲକରେ ବିଦ୍ୟୁତ୍ ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଥିଲେ ହେଁ ବାରମ୍ବାର ଅଭିଯୋଗ ପରେ ମଧ ଏହାର ସମାଧାନ କରାଯାଉ ନ ଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ବିଭିନ୍ନ ଅଞ୍ଚଳରେ ରାସ୍ତାର ଅବସ୍ଥା ଶୋଚନୀୟ ହେବା ସହିତ ବିଭିନ୍ନ ଭତ୍ତା, ଇନ୍ଦିରା ଆବାସ ବଣ୍ଟନରେ ଦୁର୍ନୀତି ସମ୍ପର୍କରେ ଅଭିଯୋଗ ହୋଇଥିଲା। ବିଡିଓ ଡ. ନରହରି ବେହେରାଙ୍କ ତତ୍ତ୍ୱାବଧାନରେ ତହସିଲଦାର ରବୀନ୍ଦ୍ର କୁମାର ସାହୁ, ଉପଜିଲାପାଳ ନିଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଯେନା, ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ, ଡ. ବିଜୟ କୁମାର ପଣ୍ଡା, ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ରଶ୍ମିରଞ୍ଜନ ନାୟକ ପ୍ରମୁଖ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ୫ ଚୋରା ମଦ ବେପାରୀ ଗିରଫ

**ସୋର, ୩୦।୯(ଡି.ଏନ.ଏ.):** ନୀଳଗିରି ରେଞ୍ଜ ଆଇଆଇସି ଉଦେଲାଲା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ଓ ସିମୁଳିଆ ଥାନା ଅଞ୍ଚଳରେ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯାଇଛି। ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖଇରା ଥାନା ରତୁଗାଁ ଗ୍ରାମର ଭାରତୀ ବେହେରା, ଧୀରେନ୍ଦ୍ର ବେହେରା, ବାଟି ଗ୍ରାମର ପାଞ୍ଚାଳି ମଲ୍ଲିକ, ଉପେନ୍ଦ୍ର ବେହେରା ଓ ବାଳିକ ତିରଣ ଗ୍ରାମରେ। ଏନେଇ ମାମଲା ରୁଜୁ କରାଯାଇଛି।

## ରାଷ୍ଟ୍ରୀୟ ପୋଷଣ ମାସ ପାଳନ

**ଖଇରା, ୩୦।୯(ଡି.ଏନ.ଏ.)**



ଆଶା, ଅଙ୍ଗନୱାଡି କର୍ମୀଙ୍କ ସଚେତନତା ରାଲି।

ବାଲେଶ୍ୱର ଜିଲା ଖଇରା ବ୍ଲକ ପରିସରରେ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଆନୁକୂଲ୍ୟରେ ସୋମବାର ରାଷ୍ଟ୍ରୀୟ ପୋଷଣ ସଂକ୍ରାନ୍ତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ନର୍ମଦା ଦେଓଙ୍କ ନେତୃତ୍ୱରେ ଏକ ବିଶାଳ ସଚେତନତା ରାଲି ଖଇରା ବଜାର ପରିକ୍ରମା କରିଥିଲା। ପରେ ଅନୁଷ୍ଠିତ କର୍ମଶାଳାକୁ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ଉଦ୍‌ଘାଟନ କରିବା ଅବସରରେ ମା' କ୍ଷୀରର କୌଣସି ବିକଳ୍ପ ନାହିଁ ବୋଲି ପ୍ରକାଶ କରିଥିଲେ। ସିଡିପିଓ ଶ୍ରୀମତୀ ଦେଓ ତାଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ କର୍ମଶାଳାର ଉଦ୍ଦେଶ୍ୟ, ପୋଷଣର ପଞ୍ଚସୂତ୍ରୀ ଯଥା ହଜାରେ ଦିନର ଗୁରୁତ୍ୱ, ରକ୍ତହୀନତାର କାରଣ ଓ ନିରାକରଣ, ପୌଷ୍ଟିକ ଆହାର, ତରଳ ଝାଡାର କାରଣ ଓ ନିରାକରଣ, ବିଶୁଦ୍ଧ ଜଳ ସେବନ ଓ ପାଇଖାନାର ବ୍ୟବହାର ଉପରେ ଆଲୋଚନା କରିଥିଲେ। ଓଡିଶା ଜୀବିକା ମିଶନର ବ୍ଲକ କାର୍ଯ୍ୟକ୍ରମ ପରିଚାଳନା ଅଧିକାରିଣୀ ଶୋଭନା ଦାସ ଉପସ୍ଥିତ ଥିଲେ। ବିଡିଓ ମହେଶ ଚୌଧୁରୀ ଶରୀର ପାଇଁ କେଉଁ ପ୍ରକାର ଖାଦ୍ୟ ଆବଶ୍ୟକ ସେ ଉପରେ ମତାମତ ରଖିଥିଲେ। ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା, ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସନ୍ନ କୁମାର ମାହାନା ଧନ୍ୟବାଦ ଅର୍ପଣ କରିଥିଲେ।

## ମନ୍ତ୍ରୀଙ୍କୁ ଭେଟିଲେ ଏଚ୍‌ଏମ୍‌ଏସ୍‌ର କର୍ମକର୍ତ୍ତା

# ଶିଳ୍ପାନୁଷ୍ଠାନର ମାନ୍ଦାବସ୍ଥା ସୁଧାର ଦାବି

**ବାଲେଶ୍ୱର ଅଫିସ, ୩୦।୯**

ବାଲେଶ୍ୱର ଗସ୍ତରେ ଆସିଥିବା ଖାଦ୍ୟ ଏବଂ ଯୋଗାଣ ତଥା ଉପଭୋକ୍ତା ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସୋମବାର ସର୍କିଟ୍ ହାଉସ୍‌ରେ ଏଚ୍‌ଏମ୍‌ଏସ୍ (ହିନ୍ଦ୍ ମଜଦୁର ସଭା)ର ଏକ ପ୍ରତିନିଧି ଦଳ ଭେଟିଛନ୍ତି। ଦେଶର ମାନ୍ଦାବସ୍ଥା, ବାଲେଶ୍ୱରର ସାମଗ୍ରିକ ବିକାଶ ସହ ବିଭିନ୍ନ ଶିଳ୍ପାନୁଷ୍ଠାନରେ ଦେଖା ଦେଇଥିବା ମାନ୍ଦାବସ୍ଥାର ସୁଧାର ଦିଗରେ ସରକାରୀ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ହିନ୍ଦ୍ ମଜଦୁର ସଭାର ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ସହ ବିଜେଡିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଭିନ୍ନ ଶିଳ୍ପାନୁଷ୍ଠାନରୁ ଆସିଥିବା ଶ୍ରମିକନେତାମାନେ କାରଖାନାର ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନଭେମ୍ବରରେ ହେବାକୁ ଥିବା ହିନ୍ଦ୍ ମଜଦୁର ଜିଲା ସମ୍ମିଳନୀରେ ଯୋଗଦେବା ପାଇଁ ମନ୍ତ୍ରୀ ସ୍ୱାଇଁଙ୍କୁ ଅନୁରୋଧ କରାଯାଇଥିଲା। ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଶମ୍ଭୁନାଥ ଦାସ, ଏସ୍‌କେ ମଇଉଦ୍ଦିନ, ଅନିଲ ଦାସ, ଶରତ ସାହୁ, ଅଂଶୁମାନ ରାଉତ, ଲୋକନାଥ ଦାସ, ନୟନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗୀତା ଆବୃତ୍ତି ପ୍ରତିଯୋଗିତା: ଭାଗ ନେଲେ ୯୫ ଛାତ୍ରୀଛାତ୍ର

**ବାଲେଶ୍ୱର ଅଫିସ, ୩୦।୯**




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ବାଲେଶ୍ୱର ପବ୍ଲିକ୍ ହାଇସ୍କୁଲ୍ ପରିସରରେ ରବିବାର ଚିନ୍ମୟ ମିଶନ ଜିଲା ଶାଖା ତରଫରୁ ଗୀତା ଆବୃତ୍ତି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଶିଶୁଶ୍ରେଣୀଠାରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ୯୫ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ।

ପବ୍ଲିକ୍ ସ୍କୁଲ୍‌ର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମିଶନ ସଭାପତି ଡା. ବେଣୁମାଧବ ଶତପଥୀ, ପୂର୍ବତନ ସଭାପତି ବରିଷ୍ଠ ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ ମଞ୍ଚରେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଗସ୍ତ୍ୟ ଚୈତନ୍ୟ, ଡ. ଗଣେଶ ଚନ୍ଦ୍ର ପରିଡ଼ା, ପ୍ରଫେସର ରାମଚନ୍ଦ୍ର ନାୟକ, ରଶ୍ମିରେଖା ସାହୁ, ନିର୍ମଳ ଚନ୍ଦ୍ର ପଣ୍ଡା ଓ ନିର୍ମଳ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ବିଚାରକ ମଣ୍ଡଳୀ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ମିଶନର ଆଭିମୁଖ୍ୟ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ପବ୍ଲିକ ସ୍କୁଲ୍‌ର ଶିକ୍ଷକ ଦେବାଶିଷ କର କାର୍ଯ୍ୟକ୍ରମ ଆରମ୍ଭରୁ ଉପସ୍ଥିତ ରହି ସହଯୋଗ କରିଥିଲେ। ମିଶନ ଉପସଭାପତି ରଜନୀକାନ୍ତ ବେହେରା, କୋଷାଧକ୍ଷ ଗଙ୍ଗାଧର ପୃଷ୍ଟି, ମିଶନର କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ବିଜୟ କୁମାର ଦାସଅଧିକାରୀ, ପ୍ରଫୁଲ୍ଲ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପର୍ଶୁରାମ ପାତ୍ର, ହୃଷୀକେଶ ପାତ୍ର, ଡା. ମାନସ ପାତ୍ର, ଚଞ୍ଚଳ ବର୍ଦ୍ଧନ, ଡା. ପ୍ରଭାକର ରଥ, ମନୁଅଭିରାମ ବେହେରା, ସରୋଜ ସାମଲ, ଜ୍ୟୋସ୍ନା ସାମଲ, ନାରାୟଣ ପ୍ରସାଦ ସେଠୀ, ଦୀପ୍ତା କୁଣ୍ଡୁ, ବୈଦ୍ୟନାଥ ପଣ୍ଡା, ବେଣୁଧର ପାଳ ଓ ଦିବାକର ଶତପଥୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ମିଶନ ତରଫରୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଉପସଭାପତି ହରିଶ୍ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କ ସହ ପୋଲିସର ଆଲୋଚନା

# 'ଆଇନ ହାତକୁ ନିଅ ନାହିଁ'

**ବାହାନଗା, ୩୦।୯(ଡି.ଏନ.ଏ.)**

### ଖନ୍ତାପଡ଼ା ଥାନା ଘେରାଉ ଘଟଣା



ଥାନା ପରିସରରେ ମହିଳାଙ୍କ ସହ ଆଲୋଚନା କରାଯାଉଛି।

ମଦ ବିରୋଧୀ ମହିଳାଙ୍କ ଦ୍ୱାରା ରବିବାର ସନ୍ଧ୍ୟାରେ ଖନ୍ତାପଡା ଥାନା ଘେରାଉ ଘଟଣା ପରେ ସୋମବାର ମହିଳା ସଦସ୍ୟାମାନଙ୍କ ସହିତ ପୋଲିସ୍‌ର ବୈଠକ ଅନୁଷ୍ଠିତ ହୋଇଥିଲା। ଚୋରା ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଆଇନକୁ ହାତକୁ ନ ନେବା ପାଇଁ ଏସ୍‌ଡିପିଓ ପ୍ରଭାସ ପାଲ୍ ସଦସ୍ୟାମାନଙ୍କୁ ପରାମର୍ଶ ଦେଇଛନ୍ତି।

ମଦ ବେପାରୀଙ୍କ ବିରୋଧରେ ବାରମ୍ବାର ଅଭିଯୋଗ କଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପଞ୍ଚାୟତରେ ୨୬ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଏକଜୁଟ୍ ହୋଇ ଆନ୍ଦୋଳନ ଆରମ୍ଭ କରିଥିଲେ। ସେମାନେ ଦୁଇ ମଦବେପାରୀଙ୍କ କାବୁ କରି ତାଙ୍କ ଘର ଭିତରୁ ୪୦ଲିଟର ମଦ ଜବତ କରି ଖନ୍ତାପଡା ଥାନାକୁ ଆଣିଥିଲେ। ସେଠାରେ ଆନ୍ଦୋଳନକାରୀମାନେ ବେପାରୀଙ୍କୁ ପୋଲିସ୍ ଜିମା ଦେବା ସହ ଥାନା ଭିତରେ ମଦ ଢାଳି ପ୍ରତିବାଦ କରିଥିଲେ। ଏହାପରେ ପୋଲିସ୍ ମଦବେପାରୀଙ୍କ ସହ ବୁଝାମଣା କରିଥିବା ଅଭିଯୋଗରେ ମହିଳାମାନେ ଥାନା ଘେରାଉ କରିଥିଲେ। ମାତ୍ର ଥାନାରେ ଆଇଆଇସି ଶ୍ରୀବଲ୍ଲଭ ସାହୁ ନ ଥିବାରୁ ଏସ୍‌ଡିପିଓ ମହିଳାମାନଙ୍କୁ ବୁଝାଶୁଝା କରି ସୋମବାର ଥାନାକୁ ଆସିଲେ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିବାରୁ ମହିଳା ଥାନା ଘେରାଉରୁ ହଟିଥିଲେ। ସେହି ଅନୁଯାୟୀ ସୋମବାର ପୂର୍ବାହ୍ନରେ ପଞ୍ଚାୟତର ୨୬ ମହିଳା ଏସ୍‌ଏଚ୍‌ଜିର ୫୦ରୁ ଊର୍ଦ୍ଧ୍ୱ ସଦସ୍ୟା ଖନ୍ତାପଡା ଥାନାକୁ ଆସିଥିଲେ। ଥାନାରେ ଆଇଆଇସି ଶ୍ରୀବଲ୍ଲଭ ସାହୁ, ଏସ୍‌ଡିପିଓ ପାଲ୍‌ଙ୍କ ଉପସ୍ଥିତିରେ ମହିଳା ସଦସ୍ୟାଙ୍କ ପ୍ରତିନିଧି ସୁରମା ମହାଳିକ, ଅନୁସୂୟା ଲାହାଙ୍କ ସମେତ ଧର୍ମେନ୍ଦ୍ର ଲାହା, ପୂର୍ବତନ ସରପଞ୍ଚ ନଳିନୀ ପାଣିଗ୍ରାହୀଙ୍କ ସମେତ ସଦସ୍ୟା ଅନିତା ନାୟକ, ପୂର୍ଣ୍ଣିମା ଜେନା, ମାଳତୀ ଦାସ, ସରସ୍ୱତୀ ନାୟକ, ସୁମୋ ଦାସ, ଝରଣା ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ମହିଳାମାନେ ମଦବେପାରୀଙ୍କ ସମ୍ପର୍କରେ ଜଣାଇଲେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବ ବୋଲି ବୈଠକରେ ପ୍ରତିଶ୍ରୁତି ଦିଆଯାଇଥିଲା।

## ସଂକ୍ଷେପରେ

### ସାପ କାମୁଡ଼ାରେ ବାଳିକା ମୃତ

ରାଇରଙ୍ଗପୁର,୩୦।୯(ଡ଼ି.ଏନ୍.ଏ)- ମୟୂରଭଞ୍ଜ ଜିଲା ଗୋରୁମହିଷାଣି ଥାନା ଅନ୍ତର୍ଗତ ହାଡିଆ ଗ୍ରାମରେ ସୋମବାର ସାପ କାମୁଡାରେ ଜଣେ ବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ବାଳିକା ଜଣକ ସତେଶ କୁମାର ଗିରିଙ୍କ ଝିଅ ସ୍ନେହଲତା (୧୨) ବୋଲି ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୧/୧୯) ରୁଜୁ ହୋଇଛି। ମୃତ ସ୍ନେହଲତା ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କୁ ଏକ ଗୋଖର ସାପ କାମୁଡ଼ି ଦେଇଥିଲା।

### ୩ ମଦ ବେପାରୀ ଗିରଫ

ରାଇରଙ୍ଗପୁର,୩୦।୯(ଡ଼ି.ଏନ୍.ଏ)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ବିଭାଗ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୭ ଲିଟର ମଦ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ଡିକୁଲ ନାଏକ, ଛଣୁଆ ଗ୍ରାମର ସତ୍ୟ ନାରାୟଣ ମହାନ୍ତ ଓ ଭୀମସେନ ପାତ୍ର। ସବ ଇନ୍ସପେକ୍ଟର ସୁବଳ କୁମାର ମହାନ୍ତି, ପୂର୍ଣ୍ଣେନ୍ଦୁ ରାଉତ ଏବଂ ଏଏସଆଇ ସିଦ୍ଧେଶ୍ୱର ନାୟକ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ଅପହୃତ ୨ ନାବାଳିକା ଉଦ୍ଧାର

ରାଇରଙ୍ଗପୁର,୩୦।୯(ଡ଼ି.ଏନ୍.ଏ)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ହାଟବାଦଡା ଅଞ୍ଚଳରୁ ୫ ଦିନ ତଳେ ୨ ଜଣ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାର ତଦନ୍ତ ଚଳାଇ ରବିବାର ଅପହୃତ ନାବାଳିକାଙ୍କୁ ଉଦ୍ଧାର କରବା ସହ ଅପହରଣକାରୀ ଦୁଇ ଯୁବକଙ୍କୁ ଗିରଫ କରିଛି। ଉଲ୍ଲେଖଯୋଗ୍ୟ ଯେ, ନାବାଳିକା ଦ୍ୱୟଙ୍କୁ ଉଦ୍ଧାର କରିବାରେ ପୋଲିସର ଅବହେଳା ପ୍ରତିବାଦରେ ରବିବାର ହାଟବାଦଡା ଅଞ୍ଚଳବାସୀ ବନ୍ଦ ପାଳନ କରିଥିଲେ।

### ବିଜ୍ଞାନ ଆଲୋଚନାଚକ୍ର

ବଡ଼ସାହି,୩୦।୯(ସ୍ୱ.ପ୍ର)-ବଡ଼ସାହି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି । ରାସାୟନିକ ମୌଳିକର ପର୍ଯ୍ୟାୟ ସାରଣୀ ଏବଂ ମାନବ କଲ୍ୟାଣରେ ଏହାର ଭୂମିକା ଶୀର୍ଷକ ଏକ ଆଲୋଚନା ହୋଇଥିଲା । ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ବେହେରା ପରିଚାଳନା କରିଥିଲେ। ବିଚାରକ ଭାବେ ବଡ଼ସାହି ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ବିରଞ୍ଚି ନାରାୟଣ ପତି ଓ ରିସର୍ସପର୍ସନ ଭାବେ ବେତନଟୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ସାମନ୍ତରାୟ ଯୋଗଦେଇଥିଲେ । ବ୍ଲକର ବିଭିନ୍ନ ହାଇସ୍କୁଲରୁ ୧୬ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ବିଷୟ ଭିତ୍ତିକ ଉପସ୍ଥାପନା କରିଥିବା ବଡ଼ସାହି ହାଇସ୍କୁଲର ଛାତ୍ରୀ ପ୍ରଜ୍ଞାପରମିତା ଖୁଣ୍ଟିଆ ପ୍ରଥମ ହୋଇଛନ୍ତି । ଆସନ୍ତା ଅକ୍ଟୋବର ୩ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ କୃତୀ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିବେ ବୋଲି ସ୍କୁଲ ପକ୍ଷରୁ ଜଣାଯାଇଛି ।

### ୬ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଡ଼ସାହି,୩୦।୯(ସ୍ୱ.ପ୍ର)- ବଡ଼ସାହି ବ୍ଲକ ମାଣିତ୍ରୀ ସର୍କଲ ପରୀକ୍ଷାବୋର୍ଡ ଶିକ୍ଷକ ସଂଘ ପକ୍ଷରୁ ଅବସରଗ୍ରହଣ କରିଥିବା ୬ ଶିକ୍ଷକଙ୍କୁ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ ଶିକ୍ଷକ ସଂଘର ସମ୍ପାଦକ ବୀରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବାବା କଖାରୁଆ ବୈଦ୍ୟନାଥଙ୍କ ପୀଠରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅବସର ଗ୍ରହଣ କରିଥିବା ଶିକ୍ଷକ ରବୀନ୍ଦ୍ର ମହାନ୍ତ,ପ୍ରଶାନ୍ତ ବେହେରା, ଚିତ୍ତରଞ୍ଜନ ବାରିକ, ଅଜୟ କୁମାର ଜେନା, ଶିକ୍ଷୟିତ୍ରୀ ଆରତୀ ନାୟକ ଓ ମିଭାରାଣୀ ପତିଙ୍କ ଚାକିରି ଜୀବନ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ବୋର୍ଡର ନୂତନ ସଭାପତି ଭାବେ କାର୍ତ୍ତିକ ଚନ୍ଦ୍ର ଜେନା ଓ ସମ୍ପାଦକ ଭାବେ ଅରବିନ୍ଦ ବେହେରାଙ୍କୁ ମନୋନୀତ କରାଯାଇଥିଲା। ଶିକ୍ଷକ ଜଗନ୍ନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକ ନିଯୁକ୍ତି ନେଇ ସ୍କୁଲରେ ପଡ଼ିଲା ତାଲା

## ଗଛମୂଳରେ ବସି ପାଠପଢ଼ିଲେ ଛାତ୍ରୀଛାତ୍ର

ବଡ଼ସାହି, ୩୦।୯(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ସୋରିଷକୋଠା ଗ୍ରାମ ଉ.ପ୍ରା ବିଦ୍ୟାଳୟରେ ସୋମବାର ଗ୍ରାମବାସୀ ତାଲା ପକାଇଛନ୍ତି। ୮ଟି ଶ୍ରେଣୀ ପାଇଁ ଆବଶ୍ୟକ ଶିକ୍ଷକ ନ ଥିବାରୁ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟବୃନ୍ଦ ପୂର୍ବାହ୍ନ ୧୦ଟାରେ ସ୍କୁଲରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦିନତମାମ ଛାତ୍ରୀଛାତ୍ରମାନେ ସ୍କୁଲ ନିକଟରେ ଥିବା ଏକ ଗଛମୂଳରେ ବସି ପାଠପଢ଼ି ଘରକୁ ଫେରିଥିଲେ। ଆନ୍ଦୋଳନ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶୀଧର ପରିଡ଼ା ବଡ଼ସାହି ବିଇଓ, ସିଆରସିସି ଜଗନ୍ନାଥ ମିଶ୍ର ଓ ଏବିଇଓ ତଥା ବିଆର୍‌ସିସି ବାବାଜୀ ଚରଣ ବେହେରାଙ୍କୁ ଅବଗତ କରିଛନ୍ତି। ତେବେ ସମସ୍ୟା ସମାଧାନ ପାଇଁ ଅପରାହ୍ନ ୪ଟା ସୁଦ୍ଧା କେହି ଅଧିକାରୀ ସ୍କୁଲରେ ପହଞ୍ଚି ନ ଥିବାରୁ ତାଲା ଖୋଲା ହୋଇନାହିଁ । ଶିକ୍ଷକ ଅଭାବ ପୂରଣ ନ ହେବା ପର୍ଯ୍ୟନ୍ତ ତାଲା ବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

ସୋରିଷକୋଠା ଉ.ପ୍ରା ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀରେ ୭୧ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସେମାନଙ୍କ ପାଇଁ ୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିଲେ। ନିକଟରେ ଥିବା ଦେବସ୍ଥଳ ସ୍କୁଲର ପିଲା ସଂଖ୍ୟା କମ୍ ଥିବାରୁ ଶିକ୍ଷକ ଶତ୍ରୁଘ୍ନ ନନ୍ଦୀ ୪ଦିନ ପାଇଁ ଡ଼ିପ୍ଲୋଏଡ଼ ଭାବେ ଏହି ସ୍କୁଲରେ ଶିକ୍ଷାଦାନ କରୁଛନ୍ତି । ଅଳ୍ପ ଦିନ ପୂର୍ବରୁ ଶିକ୍ଷୟିତ୍ରୀ ମଧୁଛନ୍ଦା ପାଣିଙ୍କୁ ଡ଼ିପ୍ଲୋଏଡ଼ ଭାବେ ଉଠାଣୀନୂଆଗାଁ ସ୍କୁଲକୁ ନିଆଯାଇଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । ସୋମବାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ଫଳରେ ବର୍ତ୍ତମାନ ମାତ୍ର ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ଆବଶ୍ୟକ ଶିକ୍ଷୟିତ୍ରୀଶିକ୍ଷକ ନ ଥିବାରୁ ଗ୍ରାମବାସୀ ବାରମ୍ବାର ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ବେଳେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ଆନ୍ଦୋଳନ ରୂପ ନେଇଛି। ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ସ୍କୁଲରେ ତାଲା ପକାଇ ଆନ୍ଦୋଳନ ଚାଲୁ ରହିବ ବୋଲି ଗ୍ରାମର ଚକ୍ରଧର ଜେନା, ଲକ୍ଷ୍ମୀଧର ଗିରି, ପରମାନନ୍ଦ ଟୁଡୁ, ମନୋରଞ୍ଜନ ସିଂ ପ୍ରମୁଖ ଚେତାବନୀ ଦେଇଛନ୍ତି। ଅଭିଭାବକ ରବୀନ୍ଦ୍ର ଦେହୁରୀ କୁହନ୍ତି, ଶିକ୍ଷକ ଅଭାବରୁ ପିଲାମାନେ ଉଚିତ ଶିକ୍ଷା ପାଇପାରୁ ନାହାନ୍ତି । ଅର୍ଦ୍ଧବାର୍ଷିକ ପରୀକ୍ଷା ପାଖେଇ ଆସୁଥିବା ବେଳେ ବିଷୟ ଗୁଡ଼ିକ ଠିକ ଭାବେ ପଢାଯାଇ ପାରି ନାହିଁ। ଅଭିଭାବକମାନେ ଘରୋଇ ଶିକ୍ଷା ତଥା ଟିଉସନ ଦେଇ ଖର୍ଚ୍ଚାନ୍ତ ହେଉଛନ୍ତି। ସବିତା ଜେନା କୁହନ୍ତି, ଡ୍ରେସ, ଜୋତା ଓ ଖାଦ୍ୟ ଦେଇ ସରକାର ଶିକ୍ଷା ଭଳି ଅମୂଲ୍ୟ ସମ୍ପଦକୁ ଗୁରୁତ୍ୱ ଦେଉନାହାନ୍ତି । ଫଳରେ ଗାଁ ଗଣ୍ଡାରେ ପଢୁଥିବା ପିଲାମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ସରକାର ଏଥିପ୍ରତି ଧ୍ୟାନ ଦେଇ ଆବଶ୍ୟକ ଶିକ୍ଷକ ନିଯୁକ୍ତି ନ କଲେ ସର୍ବଶିକ୍ଷା ଅଭିଯାନ ଯୋଜନାର ସଫଳ ରୂପାୟନ ହୋଇପାରିବ ନାହିଁ ବୋଲି ପ୍ରକାଶ କରିଛନ୍ତି। ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ମହାନ୍ତି କହିଛନ୍ତି। ଏ ସମ୍ପର୍କରେ ବିଆରସିସି ବେହେରାଙ୍କୁ ପଚାରିବାରୁ ସ୍କୁଲର ପିଲା ସଂଖ୍ୟା ଅନୁପାତକୁ ନେଇ ୪ଜଣ ଶିକ୍ଷକ ରହିଛନ୍ତି । ଅଧିକ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଦାବି କରୁଥିବା ବେଳେ ଶିକ୍ଷକ ଅଭାବ ଥିବାରୁ ତାହା ପୂରଣ କରାଯାଇପାରୁ ନାହିଁ । ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।



ସୋମବାର ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଇଛନ୍ତି ବାରିପଦାର ମା’ ଅମ୍ବିକା।

# ରାଜ୍ୟସ୍ତରୀୟ ଟେନିକଏଟ ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୧୫



ବାରିପଦା ଅଫିସ,୩୦।୯

ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗର ଟେନିକଏଟ ପ୍ରତିଯୋଗିତା ଆସନ୍ତା ଅକ୍ଟୋବର ୨ ରୁ ୪ ତାରିଖ ପର୍ଯ୍ୟନ୍ତ ବରଗଡ଼ ଜିଲା ଅନ୍ତର୍ଗତ ସିଦ୍ଧାର୍ଥ ପବ୍ଲିକ ସ୍କୁଲ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାର ୮ ଜଣ ବାଳିକା ଓ ୭ ଜଣ ବାଳିକା ଯୋଗ ଦେବେ। ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କ ମାର୍ଗଦର୍ଶନରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ମଲ୍ଲିକଙ୍କ ନେତୃତ୍ୱରେ ଖେଳାଳୀମାନେ ବରଗଡ ଯିବେ। ବାଳକ ଟିମ୍ ମ୍ୟାନେଜର ଭାବେ ବାରିପଦା ବ୍ଲକ ଭାଗବତଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ଦୀପକ ରାମ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ବାରିପଦା ବଲାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପିଇଟି ନାଦିଆ ଦାସ ଖେଳାଳିମାନଙ୍କ ସହିତ ଯିବେ ବୋଲି ଜଣାପଡିଛି।

## ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା

ବାରିପଦା ଅଫିସ,୩୦।୯

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ବାରିପଦା ପୋଲିସ ଲାଇନ ହାଇସ୍କୁଲ ଏବଂ ସ୍କୁଲସ୍ ଅଫ୍ ଆର୍ଟସ୍ ଆଣ୍ଡ କ୍ରାଫ୍ଟସ୍‌ଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୋଲିସ ଲାଇନ ଉଚ୍ଚ ବିଦ୍ୟାଳୟଠାରେ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗାନ୍ଧିଜୀ ଓ ସ୍ୱଚ୍ଛତା ଏବଂ ଆଜିର ସମାଜରେ ଗାନ୍ଧୀ ବିଚାର ଧାରାର ଆବଶ୍ୟକତା ବିଷୟ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିପରି ସ୍କୁଲସ୍ ଅଫ୍ ଆର୍ଟସ୍ ଆଣ୍ଡ କ୍ରାଫ୍ଟସଠାରେ ମଧ୍ୟ ଇଂଲିଶ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗାନ୍ଧିଜୀଙ୍କ କର୍ମମୟ ଜୀବନ ଦର୍ଶନ ଉପରେ ଆଧାରିତ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ପ୍ରତିଯୋଗିତାର ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସାହୁ, ଅରୁଣ କୁମାର ଦାସ, ଶିକ୍ଷକପ୍ରଶିକ୍ଷକ ଶିଶିର ଚନ୍ଦ୍ର ଭୋଳ ଏବଂ ବାରିପଦା ସ୍କୁଲସ୍ ଅଫ୍ ଆର୍ଟସ୍ ଆଣ୍ଡ କ୍ରାଫ୍ଟସ୍‌ର ଅଧକ୍ଷ ଶ୍ୟାମ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅକ୍ଟୋବର ୨ରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହରେ ପୁରସ୍କୃତ କରାଯିବ। ଏହି ପ୍ରତିଯୋଗିତାରେ ବାରିପଦା, ଉଦଳା, ରାଇରଙ୍ଗପୁର, କରଞ୍ଜିଆ ପୌରାଞ୍ଚଳର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପାଇଁ ଦାବିପତ୍ର



ଉପଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ୱାର୍ଡ ମେମ୍ବରମାନେ।

କପ୍ତିପଦା,୩୦।୯(ଡ଼ି.ଏନ୍.ଏ)

କପ୍ତିପଦା ବ୍ଲକ ଅଧୀନ ବଡ଼ ଗୁଡୁଗୁଡ଼ିଆ ପଞ୍ଚାୟତର ସରପଞ୍ଚ ଦମୟନ୍ତୀ ହାଁସଦା ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଦାବି ହୋଇଛି। ସୋମବାର ଉକ୍ତ ପଞ୍ଚାୟତର ୧୧ଟି ୱାର୍ଡରୁ ୯ ଜଣ ୱାର୍ଡ ମେମ୍ବର କପ୍ତିପଦା ଉପଜିଲାପାଳଙ୍କ ନିକଟରେ ଲିଖିତ ଭାବେ ଏହି ଦାବି ଜଣାଇଛନ୍ତି। ୱାର୍ଡ ମେମ୍ବରମାନଙ୍କ ଅଭିଯୋଗ ଅନୁଯାୟୀ, ସରପଞ୍ଚ ପଞ୍ଚାୟତର ହିତ ପାଇଁ ସେ କାମ କରୁ ନ ଥିବା ବେଳେ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣୁ ନାହାନ୍ତି । ପଞ୍ଚାୟତର ବିଭିନ୍ନ ଉନ୍ନତି ମୂଳକ କାମ ପାଇଁ ସେ ୱାର୍ଡ ମେମ୍ବରମାନଙ୍କ ସହିତ କୌଣସି ଆଲୋଚନା ନ କରି ମନଇଚ୍ଛା କାମ କରୁଛନ୍ତି । ବିଭିନ୍ନ ଅନିୟମିତତାରେ ସଂଶ୍ଲିଷ୍ଟ ରହିଛନ୍ତି। ସେ ସରପଞ୍ଚ ଥିବାବେଳେ ଆଶା କର୍ମୀର କାର୍ଯ୍ୟ ମଧ୍ୟ ତୁଲାଉଛନ୍ତି। ଫଳରେ ସେ ବିଭିନ୍ନ ସମୟରେ ପଞ୍ଚାୟତରେ ଅନୁପସ୍ଥିତ ରହୁଛନ୍ତି। ଏ ସମ୍ପର୍କରେ ସରପଞ୍ଚ ହାଁସଦାଙ୍କୁ ପଚାରିବାରୁ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନକୁ ସେମାନେ ଗୋଟେ ସ୍ଥାନରେ କାମ କରିବା ପାଇଁ ପ୍ରସ୍ତାବ ଦେଉଥିବା ବେଳେ ମୁଁ ଏଥିରେ ରାଜି ନ ହୋଇ ସମସ୍ତ ୱାର୍ଡରେ ଆବଶ୍ୟକ ଥିବା କାମ କରିବା ପାଇଁ ପ୍ରସ୍ତାବ ଦେଇଥିଲି । ଏହାକୁ ସେମାନେ ବିରୋଧ କରି ମୋ ବିରୋଧରେ ଅନସ୍ଥା ଆଣିବା ପାଇଁ ପ୍ରୟାସ କରୁଥିବା ଶୁଣିଛି ବୋଲି କହିଛନ୍ତି। ସେହିପରି ଅନିୟମିତତାରେ ସଂଶ୍ଲୀଳ ରହିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

# ସମସ୍ୟା ଘେରରେ ପଶୁଦା ଉଚ୍ଚ ବିଦ୍ୟାଳୟ

କୁଆମରା,୩୦।୯(ଡ଼ି.ଏନ୍.ଏ)

ପ୍ରଶାସନିକ ଅବହେଳାରୁ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ପଶୁଦା ଉଚ୍ଚ ବିଦ୍ୟାଳୟ ଏବେ ନାନା ସମସ୍ୟା ମଧ୍ୟରେ ଗତି କରୁଛି। ୧୯୭୩ରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିବା ସହ ସରକାରୀ ମାନ୍ୟତା ମଧ୍ୟ ଲାଭ କରିଥିଲା। କ୍ରମେ ଉନ୍ନତ ଶିକ୍ଷାଦାନ ପାଇଁ ଏହି ବିଦ୍ୟାଳୟ ସମଗ୍ର ଜିଲାରେ ଏକ ନମ୍ବର ସ୍ଥାନ ଅଧିକାର କରିଥିଲା। କେବଳ ସେତିକି ନୁହେଁ ଜିଲାର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଏଠାରେ ସମ୍ପାଦିତ ହେବା ସହ ବିଭିନ୍ନ କ୍ଷେତ୍ରରେ ବିଦ୍ୟାଳୟ ପ୍ରଶଂସିତ ହୋଇଛି। ଏଠାରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିବା ବେଳେ ଛାତ୍ରୀଛାତ୍ରୀଙ୍କ ସଂଖ୍ୟା ୪ ଶହ। ଏହି ବିଦ୍ୟାଳୟର ଛାତ୍ରାବାସରେ ସ୍ଥାନ ଅଭାବରୁ ୧୧୦ ଛାତ୍ର ରହିଛନ୍ତି। ମାତ୍ର ଛାତ୍ରୀଛାତ୍ରଙ୍କ ଲାଗି ଶ୍ରେଣୀ ଗୃହର ଅଭାବ ଦେଖା ଦେଇଛି। ଯେଉଁ କେତୋଟି ଗୃହରେ ଶିକ୍ଷାଦାନ କରାଯାଉଛି ସେଗୁଡିକ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିଦ୍ୟାଳୟ ଛାତରୁ ପାଣି ଗଳିବା ସହ ବିଭିନ୍ନ ଗୃହରେ କଂକ୍ରିଟ ଖଣ୍ଡ ଝୁଲି ରହିଛି। ଅନ୍ୟପକ୍ଷେ ଅଫିସ ଓ କାର୍ଯ୍ୟାଳୟରେ ବର୍ଷା ଜଳ ଲହଡ଼ି ମାରୁଛି। ଲଗାଣ ବର୍ଷା ଯୋଗୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେବା ଯୋଗୁଁ ଅଭିବାବକ ମହଲରେ ଚିନ୍ତାର କାରଣ ପାଲଟିଛି। ତେବେ ବିପଦପୂର୍ଣ୍ଣ ଗୃହକୁ ନେଇ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାଥ କଟୁଆଳ ଦୀର୍ଘ ଦିନ ହେବ ଶିକ୍ଷା ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ପ୍ରତିକାର ହୋଇ ପାରି ନାହିଁ। ଗତ ଅଗଷ୍ଟ ମାସରେ ପ୍ରଧାନ ଶିକ୍ଷକ ପୁଣି ଜିଲାପାଳଙ୍କୁ ଗୁହାରି ଜଣାଇଥିଲେ। ଏଥିନେଇ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ଆରଡି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଦ୍ୟାବଧି ଆରଡି ବିଭାଗ ଦୃଷ୍ଟି ନ ଦେବା ପରିତାପର ବିଷୟ। ଏ ନେଇ ଅଭିବାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜରୁରୀକାଳୀନ ଭିତ୍ତିରେ ମରାମତି ଏବଂ ନୂତନ ଗୃହ ନିର୍ମାଣ ନ ହେଲେ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ଅଭିବାବକମାନେ ଚେତାବନୀ ଦେଇଛନ୍ତି।

# ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

କପ୍ତିପଦା,୩୦।୯(ଡ଼ି.ଏନ୍.ଏ.)–

କପ୍ତିପଦା ବ୍ଲକ ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ସଭାଗୃହରେ ରସାୟନ ବିଜ୍ଞାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ବିଜୟ କୁମାର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ରମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଇଂଲିଶ ବିଭାଗର ମୁଖ୍ୟ ଫଣୀଭୂଷଣ ପୁଥାଳ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହୋଇ ନିଜର ଲକ୍ଷ୍ୟ ପଥରେ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରସାୟନ ବିଜ୍ଞାନର ଅଧ୍ୟାପିକା ତନ୍ମୟୀ ପୃଷ୍ଟି ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁକ୍ତ ୩ ଶେଷ ବର୍ଷର ଛାତ୍ର ଅମିତାଭ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ନବାଗତ ଛାତ୍ରୀଛାତ୍ରଙ୍କୁ ପୁରାତନ ଛାତ୍ରୀଛାତ୍ରମାନେ ଫୁଲତୋଡ଼ା ଓ ଉପହାର ଦେଇ ସ୍ୱାଗତ କରିଥିଲେ।

### ■ଧୁମୁସା ମହୋତ୍ସବ ପ୍ରସ୍ତୁତି ବୈଠକ

# ରାଜ୍ୟ ଓ ରାଜ୍ୟ ବାହାରୁ ଯୋଗଦେବେ ବିଶିଷ୍ଟ କଳାକାର

ଉଦଳା,୩୦।୯(ଡ଼ି.ଏନ୍.ଏ)–

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡସ୍ତରୀୟ ‘ଧୁମୁସା ମହୋତ୍ସବ – ୨୦୧୯’’ ପ୍ରସ୍ତୁତି ବୈଠକ ସୋମବାର ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟିର ଅଧ୍ୟକ୍ଷ ଉପଜିଲାପାଳ ଭଗବାନ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ନଭେମ୍ବର ୨୯ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମିତକ୍ରମେ ନିଷ୍ପତ୍ତି ହୋଇଥିଲା । ଚଳିତ ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ କଳାକାରମାନେ ଆସି ନିଜର କଳା ପ୍ରଦର୍ଶନ କରିବେ ବୋଲି ଉପଜିଲାପାଳ ଶ୍ରୀ ବେହେରା ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଭାସ୍କର ମଢେଇ, ଏସଡିପିଓ ସ୍ୱପ୍ନରଞ୍ଜନ ମହାପାତ୍ର, ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତହସିଲଦାର ମନିଷା ମଧୁଲିକା ହେମ୍ବ୍ରମ୍ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ତତସହିତ ମହୋତ୍ସବ କମିଟିର ସଦସ୍ୟ ଭାବେ ଉପଖଣ୍ଡରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀ, ବୁଦ୍ଧିଜୀବି, ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବସନ୍ତ କୁମାର ପରିଡା, ବଣିକସଂଘ ସଭାପତି ରବିନ୍ଦ୍ର କୁମାର ପରିଡ଼ା, ପ୍ରଭାତ ପରିଡ଼ା, ରୋଟାରୀ କ୍ଲବର ସଭାପତି ଇଂ.ସୁବାଷ ଚନ୍ଦ୍ର ପଣ୍ଡା, ଠିକାଦାର ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସରୋଜ କୁମାର ପ୍ରଧାନ, ଅମୀୟ କୁମାର ବଳ, ନିହାର ରଞ୍ଜନ ମୋଦି, ଲାଲମୋହନ ମାରାଣ୍ଡି, ମୋହନ ମୁର୍ମୁ, ୟୁନିକ୍ ପ୍ରେସ କ୍ଲବର ବରିଷ୍ଠ ଉପଦେଷ୍ଟା ଏସ.କେ.ବାଚ୍ଛିନୀଙ୍କ ସମେତ ବହୁ ପଦାଧିକାରୀ ଏବଂ ବୁଦ୍ଧିଜିବୀ ଉପସ୍ଥିତ ଥିଲେ।

### ■ଖଣି ଖାଦାନରେ ୧୪୪ ଧାରା ଜାରିକୁ ବିରୋଧ

# ରେଞ୍ଜ କାର୍ଯ୍ୟାଳୟ ଘେରାଉ କଲେ ଗ୍ରାମବାସୀ

ଖୁଣ୍ଟା,୩୦।୯(ଡି.ଏନ୍.ଏ.)



ରେଞ୍ଜ କାର୍ଯ୍ୟାଳୟ ପରିସରରେ ଗ୍ରାମବାସୀ ହୋହଲ୍ଲା କରୁଛନ୍ତି।

ଖୁଣ୍ଟା ତହସିଲ ଅଧିନ ତଥା ଶିମିଳିପାଳ ପାଦଦେଶରେ ଥିବା ବିଭିନ୍ନ ବେଆଇନ ଖଣି ଖାଦାନରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ସୋମବାର ଏହାକୁ ବିରୋଧ କରି ଶିମିଳିପାଳ ପାଦଦେଶରେ ଥିବା ଗ୍ରାମବାସୀମାନେ ଡୁକୁରା ବନବିଭାଗ ରେଞ୍ଜ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ବନଖଣ୍ଡ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଲଧରା ସିଂ, ଚନ୍ଦ୍ରମୋହନ ସିଂ, ଟୁନା ସିଂ, ମଙ୍ଗଳ ସିଂ ଓ କୈଳାସ ସିଂ ପ୍ରମୁଖ ସମେତ ଶତାଧିକ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଶିମିଳିପାଳ ତଳିଆ ଅଞ୍ଚଳ ତଥା ଖୁଣ୍ଟା ଓ ବଡ଼ସାହି ଥାନା ଅଧୀନ ୧୧ଟି ଗ୍ରାମର ବାସିନ୍ଦା ସାମିଲ ହୋଇଥିଲେ। ଦିନ ପ୍ରାୟ ୧୨ ଟା ସମୟରେ ଗ୍ରାମବାସୀମାନେ ଡୁକୁରା ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟ ଫାଟକରେ ତାଲା ପଡିଥିବା ଦେଖିଥିଲେ। ସେମାନେ ତାଲାକୁ ଭାଙ୍ଗି କାର୍ଯ୍ୟାଳୟ ପରିସରକୁ ଧସେଇ ପଶିଯାଇଥିଲେ। ଖବର ପାଇ ଡୁକୁରା ଫାଣ୍ଡି ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। ଗ୍ରାମବାସୀମାନେ ଡେପୁଟି ରେଞ୍ଜ ଅଧିକାରୀ କେଦାର ନାଥ ମଲିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମବାସୀଙ୍କ ଦାବି ଅନୁଯାଇ ସେମାନେ ଚାଷ ଉପରେ ନିର୍ଭର କରି ଚଳିଆସୁଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ଜଳସେଚନର ସୁବିଧା ନାହିଁ । ଏ ସମ୍ପର୍କରେ ପୂର୍ବରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଜଳସେଚନର କୌଣସି ସୁବିଧା କରାଯାଇ ନାହିଁ। ଫଳରେ ବିଭିନ୍ନ ସମୟରେ ବର୍ଷାର ଅନିୟମିତତା ଯୋଗୁଁ ଚାଷ କାର୍ଯ୍ୟ ଠିକ ଭାବେ ହୋଇପାରୁନାହିଁ। ଗ୍ରାମବାସୀମାନେ ଗ୍ରାମ୍ୟ ଜଙ୍ଗଲରୁ ମୁଗୁନି ପଥର ସଂଗ୍ରହ କରିବା ସହିତ ସେଗୁଡିକୁ ବିକି ପରିବାର ଚଳାଇ ଆସୁଥିଲେ। ମାତ୍ର ଗତ ଅଗଷ୍ଟ ମାସରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯିବା ପରେ ସେମାନଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡିଛି। ତୁରନ୍ତ ୧୪୪ ଧାରା ହଟାଯାଉ ବୋଲି ଗ୍ରାମବାସୀ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଡିଏଫଓ ସ୍ୱୟମ ମଲ୍ଲିକଙ୍କୁ ପଚାରିବାରୁ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଥିବା ଓ ଗ୍ରାମବାସୀଙ୍କ ଦାବି ସମ୍ପର୍କରେ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି।

